# ବିଭିନ୍ନ ସ୍ଥାନରେ ମହାବିଷୁବ ସଂକ୍ରାନ୍ତି ଓ ଆମ୍ବେଦକର ଜୟନ୍ତୀ ପାଳିତ

## ଆର୍‌ଏସ୍‌ପି ଓ ସେଲ୍ ଏସ୍‌ସି, ଏସ୍‌ଟି କର୍ମଚାରୀ ସଂଘ



**ରାଉରକେଲା, ୧୪।୪(ସମିସ)**

ରାଉରକେଲା ଇସ୍ପାତ କାରଖାନା ଓ ସେଲ ଏସସି ଓ ଏସଟି କର୍ମଚାରୀ ସଂଘ ଆନୁକୂଲ୍ୟରେ ଭାରତରତ୍ନ ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଉତ୍ସବ ରବିବାର ପାଳିତ ହୋଇଛି। ପୂର୍ବାହ୍ନରେ ଆରଏସପି କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସଆର ସୂର୍ଯ୍ୟବଂଶୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଡା. ବିକେ ହୋତା, କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, କାରଖାନାର ବହୁ ବରିଷ୍ଠ ଅଧିକାରୀ ଏବଂ ସେଲ ଏସସି ଓ ଏସଟି କର୍ମଚାରୀ ସଂଘ ପ୍ରତିନିଧିମାନେ ସେକ୍ଟର-୧୭ସ୍ଥିତ ଡ. ଆମ୍ବେଦକର ଏନକ୍ଲେଭରେ ସ୍ଥାପିତ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ଆର୍‌ଏସ୍‌ପି ଓ ଏସସି ଓ ଏସଟି କର୍ମଚାରୀ ସଂଘ ଦ୍ୱାରା ସେକ୍ଟର ୧୮ ସୋସିଆଲ ହୋମ 'ଉପହାର'ଠାରେ ଏକ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ନିର୍ବାହୀ ନିର୍ଦ୍ଦେଶକ ସୂର୍ଯ୍ୟବଂଶୀ ମୁଖ୍ୟଅତିଥି ଓ ଏନଆଇଟି ରାଉରକେଲାର ପ୍ରଫେସର ହୃଷୀକେଶ ନାୟକ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ଆରଏସପିର ନିର୍ବାହୀ ନିର୍ଦ୍ଦେଶକବୃନ୍ଦ ତଥା ବହୁ ବରିଷ୍ଠ ଅଧିକାରୀ, ଏସସି ଓ ଏସଟି କର୍ମଚାରୀ ସଂଘ ସଦସ୍ୟବୃନ୍ଦ, ଛାତ୍ରଛାତ୍ରୀ ତଥା ସହରର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ତଥା ଡ. ଆମ୍ବେଦକରଙ୍କ ଫଟଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରି ଉତ୍ସବକୁ ଉଦଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ସୂର୍ଯ୍ୟବଂଶୀ ଅବହେଳିତ ବର୍ଗଙ୍କ ଉତ୍ଥାନ ପାଇଁ ଆମ୍ବେଦକରଙ୍କ ଯୋଗଦାନ ତଥା ସାମାଜିକ, ଅର୍ଥନୈତିକ ଆଧାରରେ ସମାଜର ସାମଗ୍ରିକ ବିକାଶ ପାଇଁ ତାଙ୍କ ଦୂରଦୃଷ୍ଟି ବିଷୟରେ ଉଲ୍ଲେଖ କରିଥିଲେ। ଆରଏସପିରେ ଆମେ ଡ. ଆମ୍ବେଦକରଙ୍କ ପ୍ରଦର୍ଶିତ ନ୍ୟାୟ, ଅଖଣ୍ଡତା ଏବଂ ଉତ୍କର୍ଷତା ମୂଲ୍ୟବୋଧର ଅନୁସରଣ କରୁଛୁ। ନିଜସ୍ୱ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଆମେ ଚେଷ୍ଟିତ ଥିବାବେଳେ ଏକ ସମାନତାପୂର୍ଣ୍ଣ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ଯେଉଁଠାରେ ପ୍ରତ୍ୟେକ ବ୍ୟକ୍ତି ଉନ୍ନତି କରିବା ପାଇଁ ତଥା ସାମୂହିକ ସଫଳତା ପାଇଁ ଯୋଗଦାନ କରିବାର ସୁଯୋଗ ପାଇବେ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଡ. ମଲ୍ଲିକ ସାମାଜିକ, ରାଜନୈତିକ କ୍ଷେତ୍ରରେ ବାବାସାହେବଙ୍କ ଯୋଗଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସେକ୍ଟର-୭ ଚିନ୍ମୟ ବିଦ୍ୟାଳୟର ସ୍ୱୟଂଶ୍ରୀ ସାହୁ, ସେକ୍ଟର-୧୪ ଦିଲ୍ଲୀ ପବ୍ଲିକ ସ୍କୁଲର ଅର୍ଣ୍ଣବ ଠାକୁର ଏବଂ ସେଣ୍ଟ ପଲ୍ ସ୍କୁଲର ଶିଖା କୁଲ୍ଲୁ ଯଥାକ୍ରମେ ଓଡ଼ିଆ, ହିନ୍ଦୀ ଓ ଇଂରାଜୀରେ ଡ. ଆମ୍ବେଦକରଙ୍କ ଜୀବନ ଆଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ।

ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର ବିଜୟୀ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ସହର ସେବା ଓ କାର୍ମିକ ବିଭାଗ ଜିଏମ ଇନ ଚାର୍ଜ ପିକେ ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା। କର୍ମଚାରୀଙ୍କ ଦ୍ୱାରା ଡ. ଆମ୍ବେଦକରଙ୍କ ଜୀବନୀ ଉପରେ ଏକ ନାଟକ ମଞ୍ଚସ୍ଥ ହୋଇଥିଲା। ପ୍ରଭାକର ପାତ୍ରଙ୍କ ରଚନାରେ ନାଟ୍ୟକାର ପ୍ରଫୁଲ୍ଲ ସେଠୀ ଏହି ସୁନ୍ଦର ନାଟକର ନିର୍ଦ୍ଦେଶନା ଦେଇଥିଲେ। ପର୍ସନାଲ-ଟାଉନ ଆଣ୍ଡ ମେଡିକାଲ ବିଭାଗର ଡେପୁଟି ମ୍ୟାନେଜର ଏସସି ପରିଚ୍ଛା ଧନ୍ୟବାଦ ଜ୍ଞାପନ କରିଥିଲେ। ଏସପି-୨ ବିଭାଗ ଡେପୁଟି ମ୍ୟାନେଜର ତଥା ଏସସି ଏସଟି କର୍ମଚାରୀ ସଂଘ ସଭାପତି ଚନ୍ଦ୍ରଭାନୁ ମୁଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନିଲ ମଲ୍ଲିକ ସଂଯୋଜନା କରିଥିଲେ।

## ରାଉରକେଲା ଶ୍ରମିକ ସେବା ଟ୍ରଷ୍ଟ

ରାଉରକେଲା ଶ୍ରମିକ ସେବା ଟ୍ରଷ୍ଟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ସେକ୍ଟର-୧୭ ଆମ୍ବେଦକର ପାର୍କରେ କର୍ମକର୍ତ୍ତାମାନେ ଆମ୍ବେଦଜରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏଥିସହ ପବିତ୍ର ପଣା ସଂକ୍ରାନ୍ତିରେ ପଥଚାରୀ ଓ ଜନସାଧାରଣଙ୍କୁ ସୁସ୍ୱାଦୁ ପଣା ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଚକ୍ରଧର ପ୍ରଧାନ, ଅକ୍ଷୟ ଜେନା, ରମାକାନ୍ତ ପରିଡ଼ା, ଜେଜେ ରାଉତରାୟ, ସତ୍ୟପ୍ରିୟ ସାହୁ, ସରୋଜ ଲେଙ୍କା, ସୁଜିତ ନାୟକ, ସୌମ୍ୟ ଧଳ, ନିହାର ଦାସ, ନିହାର ସାମଲ, ତୁଷାର ସାହୁ, କେଶବ ପ୍ରଧାନ, ବିକାଶ ବେହୁରିଆ, ସରୋଜ ସ୍ୱାଇଁ, ମଝିଆ ପ୍ରଧାନ, ରୁଦ୍ର ନାରାୟଣ ପ୍ରମୁଖ ସହଯୋଗ କରିଥିଲେ।

## ରାଉରକେଲା ଓକିଲ ସଂଘ




ରାଉରକେଲା ଓକିଲ ସଂଘ ପକ୍ଷରୁ ଭାରତର ସମ୍ବିଧାନ ପ୍ରଣେତା ବାବାସାହେବ୍ ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଛି। ରାଉରକେଲା ନୂଆ କୋର୍ଟ ପରିସର ସଂଘ କାର୍ଯ୍ୟାଳୟରେ ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ପରେ ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ଉଦିତନଗରସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ସେଠାରେ ମାଲ୍ୟାର୍ପଣ ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଆମ୍ବେଦକରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦିଆଯାଇଛି। କାର୍ଯ୍ୟକ୍ରମରେ ସଂଘ ସଭାପତି ସଦାନନ୍ଦ ସାହୁ, ଉପସଭାପତି ରାଜକିଶୋର ପ୍ରଧାନ, ସମ୍ପାଦକ ଦେବାନନ୍ଦ ତନ୍ତୀ, ଯୁଗ୍ମ ସମ୍ପାଦକ ଲିଙ୍ଗମ ଅନୁସୁରୁ ହରି ଦୋରା, ସହ ସମ୍ପାଦକ (ଲାଇବ୍ରେରୀ) ଗୁରୁଚରଣ ଖୁଣ୍ଟିଆ, କାର୍ଯ୍ୟକାରୀ କମିଟି ସଦସ୍ୟ ଅନନ୍ତ ନାରାୟଣ ସାହୁ, ସନ୍ତୋଷ କୁମାର ତ୍ରିପାଠୀ, ଧୀରେନ୍ଦ୍ର ପ୍ରସାଦ ଦାସ, ମେରୀ ମ୍ୟାକ୍ସିମା ଏକ୍କା, ବରିଷ୍ଠ ସଦସ୍ୟ ଗିରୀଶ ମହାପାତ୍ର, ସୁରେଶ ମାଝୀ, ଏମ୍ ମାଲେଶ୍ୱରମ, ଅକ୍ଷୟ ସାହୁ, ଫକୀର ମୋହନ ପାଣି, ସନ୍ତୋଷ କୁମାର ନାୟକ, ଚିନାରୀ ରାମବାବୁ, ପୁରୁଷୋତ୍ତମ କୁମ୍ଭାର, ଧନ୍ତିଆ ତାଣ୍ଡିଆ, ଅନ୍ନପୂର୍ଣ୍ଣା କୁମ୍ଭାର, ଅରୁଣ କୁଶଳ, ପୂଜା ବାଗ, ମାଧବ ନାୟକ, ଚନ୍ଦ୍ରଭାନୁ ଦାସ, ଜେପି ମୁର୍ମୁ, ମାନୁଏଲ ସୋରେନ, ଗୋବିନ୍ଦ ତନ୍ତୀ, ବୁଧୁଆ ଯୋଯୋ, ସୂରଜ ବେସରା, ବିଦ୍ୟାନନ୍ଦ ପ୍ରଧାନ, ଦୁର୍ଜୟ ସେଠୀ, ଲକ୍ଷ୍ମୀ ମାଝୀ, ନରେଶ ବେହେରା, କାର୍ତ୍ତିକ ଓରାମ, ରବିନାରାୟଣ ସି, ସୁଶିଲ ପ୍ରଧାନ, ପୁନମ ଓରାମ, ନରେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସିପିଆଇଏମ୍




ସିପିଆଇଏମ୍ କେନ୍ଦ୍ର କମିଟି ଆହ୍ୱାନରେ ଦେଶବ୍ୟାପୀ ଭାରତର ସମ୍ବିଧାନ ପ୍ରଣେତା ବାବାସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ୧୩୪ତମ ଜୟନ୍ତୀକୁ ସମ୍ବିଧାନ ବଞ୍ଚାଅ-ଗଣତନ୍ତ୍ର ବଞ୍ଚାଅ ଓ ଦେଶ ବଞ୍ଚାଅ ଦିବସ ଭାବେ ପାଳନ କରାଯିବା ସହ ଆମ୍ବେଦକରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦିଆଯାଇଛି। ରାଉରକେଲା ସମ୍ପାଦକ ରାଜକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଉଦିତନଗରସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପାର୍ଟିର ଜିଲ୍ଲା ସମ୍ପାଦକ ପ୍ରମୋଦ ସାମଲ, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ଜିଲ୍ଲା କମିଟି ସଦସ୍ୟ ବିପି ମହାପାତ୍ର, ବସନ୍ତ ନାୟକ, ଆଞ୍ଚଳିକ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଶ୍ୱଜିତ ମାଝୀ, ଭଗବାନ କୁଣ୍ଡୁ, ଚନ୍ଦ୍ରଭାନୁ ଦାସ, ଆଞ୍ଚଳିକ କମିଟି ସଦସ୍ୟ ପ୍ରଭାତ ମହାନ୍ତି, ଦିବାକର ମହାରଣା, ରତ୍ନାକର ନାୟକ, ଯଜ୍ଞେଶ୍ୱର ସାହୁ, ବସନ୍ତ ପାଢ଼ୀ, ଏନ୍‌କେ ରାଉତରାୟ, ବୁବୁନ ମାଇତି, ପ୍ରମୋଦ ପରିଡ଼ା, ସୁରେନ୍ଦ୍ର ବେହେରା, କୁନ୍ଦନ ବେହେରା, ସୁବାସ ଗୌଡ଼ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ। ପରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା।

## ଭାରତୀୟ ଜନତା ପାର୍ଟି




ବିଜେପି ଜିଲ୍ଲା ସଭାନେତ୍ରୀ ଲତିକା ପଟ୍ଟନାୟକ ଓ ଦଳର ରଘୁନାଥପାଲି ବିଧାନସଭା ପ୍ରାର୍ଥୀ ଦୁର୍ଗା ତନ୍ତୀଙ୍କ ନେତୃତ୍ୱରେ ସେକ୍ଟର-୬ ଟେଲିଫୋନ ଭବନ ଛକଠାରୁ ଏକ ବିରାଟ ପଦଯାତ୍ରାରେ କର୍ମୀ ଓ ଶୁଭେଚ୍ଛୁ ବାହାରି ସେକ୍ଟର ୭-୧୭ ଛକ ନିକଟ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଆମ୍ବେଦକରଙ୍କ ସ୍ମୃତିଚାରଣ କରିବା ସହିତ ସେ ଭାରତୀୟଙ୍କୁ ସମ୍ବିଧାନ ମାଧ୍ୟମରେ ସାମାଜିକ, ଅର୍ଥନୈତିକ, ରାଜନୈତିକ ନ୍ୟାୟ ପ୍ରଦାନ କରିଥିବା ପ୍ରକାଶ କରିଥିଲେ। ଆଜିର ଏହି ମହାନ ପବିତ୍ର ଦିବସ, ଭଗବାନ ହନୁମାନଙ୍କ ଜୟନ୍ତୀ, ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଓ ପଣା ସଂକ୍ରାନ୍ତି ଅବସରରେ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଦୁର୍ଗା ତନ୍ତୀ ବାବାସାହେବଙ୍କ ଆଶୀର୍ବାଦ ଭିକ୍ଷା କରି ନିର୍ବାଚନ ପ୍ରଚାର କାର୍ଯ୍ୟରେ ବାହାରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ମୁଖପାତ୍ର ଧୀରେନ୍ ସେନାପତି, ସୁବ୍ରତ ପଟ୍ଟନାୟକ, ମଳୟ ମହାପାତ୍ର, ଗଙ୍ଗାଧର ଦାଶ, ଅଜୟ କଂସାରି, ସସ୍ମିତା ପାଢ଼ୀ, ମନୋଜ ମାହେଶ୍ୱରୀ, ବାବୁଲି ମୁର୍ମୁ, ଜିତେନ ମହାନ୍ତି, ମନୋଜ ସେନାପତି, ମନୋରଞ୍ଜନ ମୁନି, ପ୍ରଫୁଲ୍ଲ କୁମାର ମିଶ୍ର, ଅକ୍ଷୟ କୁମାର ଦାଶ, ସତ୍ୟ ସାହୁ, ସୂର୍ଯ୍ୟକାନ୍ତ ସାହୁ, ପାର୍ଥ ପ୍ରତିମ ମହାପାତ୍ର, ବ୍ୟାସଦେବ ନାଥ, ମନୋଜ ପଟ୍ଟନାୟକ, ପ୍ରଭାକର ସାହୁ, ଆଶୁତୋଷ ମିଶ୍ର, ପ୍ରମୋଦ ପାଢ଼ୀ, ଗିରୀଶ ଶତପଥୀ, ସନ୍ତୋଷ ବିରାଟ, ରାଜକୁମାର ପଣ୍ଡା, ସୁଧାକର ସାହୁ, ରାଜେଶ ପ୍ରସାଦ, ଗାଡୁ ବାଗ, ନମ୍ରତା ବାଗ, ପ୍ରତିମା ରାଉତ, ଅକ୍ଷୟ ଧଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ରାଉରକେଲା ଜିଲ୍ଲା କଂଗ୍ରେସ



ରାଉରକେଲା ଜିଲ୍ଲା କଂଗ୍ରେସ ପକ୍ଷରୁ ବାବାସାହେବ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଛି। ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ବୀରେନ୍ଦ୍ର ପଟ୍ଟନାୟକ ଉଦିତନଗର ଅମ୍ବେଦକର ଛକସ୍ଥିତ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଜଳଛତ୍ରକୁ ଉଦଘାଟନ କରିବା ସହ ପଣା ବଣ୍ଟନ କାର୍ଯ୍ୟକ୍ରମରେ ସେ ଯୋଗଦେଇଥିଲେ। ପରେ ବିଭିନ୍ନ ବୁଥ କର୍ମୀଙ୍କୁ ନେଇ ଆୟୋଜିତ ସମ୍ମିଳନୀରେ ଯୋଗଦେଇଥିଲେ। ଏଥିରେ ଶ୍ରଦ୍ଧା ଷଡ଼ଙ୍ଗୀ, ଦି ମିରର୍ ଫାଉଣ୍ଡେସନ ସଭାପତି ବିଶ୍ୱଜିତ ରାଉତ, ସେକ୍ଟର-୨୦ ଜ୍ଞାନାଲୋକ ଫାଉଣ୍ଡେସନ ମୁଖ୍ୟ ଜ୍ଞାନ ଦାସ, ଟିମ୍ବର କଲୋନୀର ସିକନ୍ଦର ନାୟକ ପ୍ରମୁଖ ଯୋଗଦେଇଥିଲେ। ପଟ୍ଟନାୟକଙ୍କ ସହ ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରବୋଧ ଦାସ, ଯୁବ କଂଗ୍ରେସ ରାଷ୍ଟ୍ରୀୟ କୋଅର୍ଡିନେଟର ରାଜା ଅହମଦ, ଯୁବନେତା ଶିବୁ ଦୀପ, ବରିଷ୍ଠ ନେତା ବାଦଲ ଶ୍ରୀଚନ୍ଦନ, ରାଉରକେଲା କଂଗ୍ରେସ ସଂଖ୍ୟାଲଘୁ ସେଲ ସଭାପତି ଇଜାଜ ଅକତର, ରାଜ୍ୟ ସାଧାରଣ ସମ୍ପାଦକ ସଦ୍ଦାବ ଅହମଦ, ବାସୁଦେବ ବାନାର୍ଜୀ, ବିଜୟୀ ଶଙ୍କର ପୁରୋହିତ, ଯୁବନେତା କୁମାର ନାଏର, ପ୍ରସନ୍ନ କୁମାର ବଳିଆରସିଂ, ତରୁଣ କୁଶଳ, ତାପସ ମହାପାତ୍ର, ଶୁଭମ, ସକିର ରାଜା, ଶରତ ପାଢ଼ୀ, ପଣ୍ଡିତ ଜି, ଆୟୁବ ଖାନ, ଏମଡି ଆଫ୍ରିଡି, ନିୟାଜ ଅହମଦ, ବବଲୀ ଢୋଲିଆ, ଦୁଃଖୁ ଦୀପ, ଦୟା ନାଗ, ନିତ୍ୟ ଦୀପ, ବାବୁଲାଲ ଦୀପ, ଶିବ ପ୍ରସାଦ ପାଲ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ବଣାଇଁ





ରବିବାର ପବିତ୍ର ପଣା ସଂକ୍ରାନ୍ତି, ଓଡ଼ିଆ ନବବର୍ଷ, ହନୁମାନ ଜୟନ୍ତୀ, ମହାବିଷୁବ ସଂକ୍ରାନ୍ତି ଅବସରରେ ସକାଳୁ ବଣାଇଁର ପ୍ରସିଦ୍ଧ ଶୈବପୀଠ ବାବା ବାଣେଶ୍ୱର ମନ୍ଦିର, ହନୁମାନ ମନ୍ଦିର, ତଥା ଆଖପାଖ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ଦେବାଳୟରେ ଭକ୍ତଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଛି। ସହରରେ ଥିବା ଦାସ ପ୍ରିଣ୍ଟର, ଭାମା ହୋଣ୍ଡା, ସୁଦର୍ଶନ ଷ୍ଟୋର ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଛକ ସ୍ଥାନରେ ପଣା ବଣ୍ଟନ କରାଯାଇଛି। ସେହିପରି ବଣାଇଁ ବସଷ୍ଟାଣ୍ଡ ହନୁମାନ ମନ୍ଦିର, ଜେଲ କଲୋନୀ, ଘୋଷରା ଗ୍ରାମ ହନୁମାନ ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ହନୁମାନ ଜୟନ୍ତୀ ପାଳନ ହୋଇଛି। ସେହିପରି ପ୍ରତ୍ୟେକ ଘରେ ତୁଳସୀ ମୂଳରେ ପଣା ଅର୍ପଣ କରାଯାଇଥିଲା। ଏଥିପାଇଁ ଛତୁଆ, କଦଳୀ, ନଡ଼ିଆ, ଛେନା, ଆମ୍ବ ଆଦିରେ ସ୍ୱତନ୍ତ୍ର ପଣା ପ୍ରସ୍ତୁତ କରାଯାଇଥିଲା। ଏହି ପବିତ୍ର ଦିନରେ ପ୍ରତ୍ୟେକ ପରିବାର ତଥା ମନ୍ଦିର ଚଳଚଞ୍ଚଳ ହୋଇପଡ଼ିଛି। ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି।

## ମା' ତାରିଣୀ ପୀଠ ପକ୍ଷରୁ ପଣା ବଣ୍ଟନ

**ରାଉରକେଲା, ୧୪।୪(ସମିସ):**

ରାଉରକେଲା ସହର ସେକ୍ଟର-୧୮ ଡେଲି ମାର୍କେଟ ମା' ତାରିଣୀ ପୀଠ ପକ୍ଷରୁ ରବିବାର ପଣା ବଣ୍ଟନ କରାଯାଇଛି। ମାର୍କେଟ କମିଟି କର୍ମକର୍ତ୍ତା ଓ ତାରିଣୀ ପୀଠ କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ଦହିପଣା ସହିତ ବିଭିନ୍ନ ସାମଗ୍ରୀରୁ ପ୍ରସ୍ତୁତ ପଣା ବଣ୍ଟନ କରାଯାଇଥିଲା। ଏହି ଏଥିରେ ରଘୁନାଥପାଲ୍ଲୀ ବିଜେପି ବିଧାୟକ ପ୍ରାର୍ଥୀ ଦୁର୍ଗାଚରଣ ତନ୍ତି ଯୋଗଦେଇ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଜୟ ମହାପାତ୍ର, ପ୍ରକାଶ ପୋଥାଲ, ରାକେଶ କୁମାର ପ୍ରସାଦ, ଅଜୟ ଠାକୁର, ଅଶୋକ ଠାକୁର, ଶିବ ପ୍ରଧାନ, ପ୍ରସନ୍ନ, ଜକଲା, ବ୍ରଜ ପ୍ରମୁଖ ସହଯୋଗ କରିଥିଲେ।

## ରାଉରକେଲାରେ ଚୈତ୍ର ଛଟ୍ ପର୍ବ ପାଳିତ

**ରାଉରକେଲା, ୧୪।୪(ସମିସ)**

ଶାରଦୀୟ ଓ ବାସନ୍ତିକ ଦୁର୍ଗାପୂଜା ଭଳି ଉତ୍ତର ଭାରତୀୟଙ୍କ ଦ୍ୱାରା ବର୍ଷରେ ଦୁଇଥର ପାଳିତ ହୋଇଥାଏ ଛଟ୍ ପର୍ବ। ପଞ୍ଚମୀ ତିଥିରେ ଅସ୍ତଗାମୀ ସୂର୍ଯ୍ୟ ଓ ଷଷ୍ଠୀ ତିଥିରେ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ ନିଜ ପରିବାରର ସମୃଦ୍ଧି ଓ ସୁଖଶାନ୍ତି ନିମନ୍ତେ ଶ୍ରଦ୍ଧାଳୁମାନେ ଭକ୍ତି ଓ ବିଶ୍ୱାସର ସହ ପାଳନ କରିଥାନ୍ତି ଏହି ପର୍ବ। ମୁଖ୍ୟତଃ ଅବିଭକ୍ତ ବିହାର ଓ ଉତ୍ତର ପ୍ରଦେଶର କିଛି ଅଞ୍ଚଳର ମୂଳ ବାସିନ୍ଦା ଏହି ପର୍ବ ପାଳନ କରିଥାନ୍ତି। ଏହି କ୍ରମରେ ଗତ ଶୁକ୍ରବାରଠାରୁ ଚୈତ୍ର ଛଟ୍ ପର୍ବ ପାଳନ ଆରମ୍ଭ ହୋଇଛି। ଶୁକ୍ରବାର ନହାୟ ଖାଏ, ଶନିବାର ଖର୍‌ନା ପାଳନ ପରେ ରବିବାର ସନ୍ଧ୍ୟାରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇଛନ୍ତି ଶ୍ରଦ୍ଧାଳୁ। ସହରର ବାଲିଘାଟ, ବାସନ୍ତୀ କଲୋନୀ, କୋଏଲ ନଦୀର ବିଭିନ୍ନ ଘାଟ ସମେତ ବିଭିନ୍ନ ଜଳାଶୟ ନିକଟରେ ପାଳନ ହୋଇଛି ଚୈତ୍ର ଛଟ୍ ପର୍ବ। ସୋମବାର ସକାଳେ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବା ପରେ ଏହି ଉତ୍ସବ ଶେଷ ହେବ ବୋଲି କୁହାଯାଇଛି।



# ସିପିଆଇଏମ୍ ଉପରେ ବର୍ଷିଲେ ଭୀମସେନ

**କୋଇଡ଼ା, ୧୪।୪(ସମିସ)**



ନିର୍ବାଚନୀ ବିଗୁଲ ବାଜିବା ପରେ ରାଜନୈତିକ ପାଣିପାଗ ଏବେ ସରଗରମ। ପ୍ରାର୍ଥୀ ତାଲିକା ଘୋଷଣା ପରେ ବଣାଇଁ ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିବା ଭୀମସେନ ଚୌଧୁରୀ ଶନିବାର କୋଇଡ଼ା ବ୍ଲକରୁ ପ୍ରଥମ କରି ତାଙ୍କ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ଭୀମସେନ ଏଠାରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ବଣାଇଁର ସିପିଆଇଏମ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ଉପରେ ବର୍ଷିଛନ୍ତି। ଲକ୍ଷ୍ମଣଙ୍କ ୧୫ ବର୍ଷର ଅପାରଗତା ବଖାଣିଛନ୍ତି। ଖଣିଖାଦନ ଭରା ଏହି ଅଞ୍ଚଳର ଆଦିବାସୀମାନଙ୍କୁ ସିପିଆଇଏମ ଶୋଷଣ କରୁଛି। ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନାଁରେ ଏଠାରେ ଅନ୍ୟମାନେ ଶାସନଭାର ସମ୍ଭାଳୁଛନ୍ତି ବୋଲି ସେ କହିଛନ୍ତି। ଏହି ସଭାରେ ଦଳର ବଣାଇଁ ପର୍ଯ୍ୟବେକ୍ଷକ ଷ୍ଟାଲିନ ପରିଜା, ଜିଲ୍ଲା ବିଜୁ ଶ୍ରମ ସାମ୍ମୁଖ୍ୟ ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ଜିଲ୍ଲା ପରିଷଦ ଉପସଭାପତି କମଲ ଲାକ୍ରା, କୋଇଡ଼ା 'ଖ' ଜିଲ୍ଲାପରିଷଦ ସଭ୍ୟ ଅଶୋକ ନାଏକ, ବଣାଇଁ କିସାନ ସମାଜ ସଭାପତି ରତ୍ନାକର କିସାନ, କେନ୍ଦୁଝର ଜିଲ୍ଲା ବିଜେଡି ଉପସଭାପତି କୁଶ ଆପଟ ଯୋଗଦେଇ ଭାଷଣ ମାଧ୍ୟମରେ ସ୍ଥାନୀୟ ବିଧାୟକଙ୍କ ଅପାରଗତା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନ ଘଡ଼େଇ ଓ ସାଂସଦ ପ୍ରାର୍ଥୀ ଦିଲୀପ ତିର୍କୀ ଯୋଗଦେବା କାର୍ଯ୍ୟକ୍ରମ ଥିଲେ ମଧ୍ୟ କୌଣସି କାରଣରୁ ତାହା ବାତିଲ ହୋଇଥିଲା। ଏହି ଅବସରରେ ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଦଳ ଛାଡ଼ି ବହୁ ସଂଖ୍ୟକ କର୍ମୀ ଦଳରେ ସାମିଲ ହୋଇଥିଲେ। କୋଇଡ଼ା ବ୍ଲକ ବିଜେଡି ସଭାପତି କରୁଣାକର ପାତ୍ର ଓ ଯୁବ ସଭାପତି ଟିଟୁନ ଦାସ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

ବିଜେପିର ଗଡ଼ କୁହାଯାଉଥିବା ବଣାଇଁ ବିଧାନସଭା ଆସନ ୨୦୦୯ରୁ ସିପିଆଇଏମ କବ୍‌ଜାରେ ରହିଛି। ବିଜେଡି ପ୍ରାର୍ଥୀ ଏଠାରେ ଆଜିପର୍ଯ୍ୟନ୍ତ ବିଜୟୀ ହୋଇପାରିନାହାନ୍ତି। ସରପଞ୍ଚ ଭାବେ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିବା ଭୀମସେନ ଚୌଧୁରୀ ୨୦୦୯ରେ ବିଜେପି ଟିକଟ ପାଇ ଜୁଏଲ ଓରାମଙ୍କ ନେତୃତ୍ୱରେ ଏଠାରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ପରେ ବିଜେପି ଛାଡ଼ି ୨୦୧୪ରେ କଂଗ୍ରେସ ଟିକଟରୁ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ୨୦୧୯ରେ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେଇଥିଲେ। ତେବେ ସେ ବର୍ଷ ତାଙ୍କୁ ଦଳ ଟିକଟ ଦେଇ ନ ଥିଲେ ମଧ୍ୟ ନିଜ ସାଙ୍ଗଠନିକ ଦକ୍ଷତା ହେତୁ ଦଳୀୟ ସଂଗଠନକୁ ମଜବୁତ କରି ଚଳିତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ହୋଇ ରଣହୁଙ୍କାର ଦେଇଛନ୍ତି ଭୀମସେନ। ସିପିଆଇଏମକୁ ଏଠାରୁ ମୂଳପୋଛ କରିବା ଲକ୍ଷ୍ୟ ନେଇ ନିର୍ବାଚନ ମୈଦାନକୁ ଓହ୍ଲାଇଥିବା ସେ କହିଛନ୍ତି।

● ଗୋପବନ୍ଧୁ ପାଠାଗାରରେ ଓଡ଼ିଆ ନବବର୍ଷ ପାଳିତ

# 'ଓଡ଼ିଶାର ସାମାଜିକ ଜୀବନରେ ମହିବିଷୁବ ସଂକ୍ରାନ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ'



**ରାଉରକେଲା, ୧୪।୪(ସମିସ):** ଓଡ଼ିଆ ପଞ୍ଜିକାର ଗଣନା ଅନୁଯାୟୀ ମହାବିଷୁବ ସଂକ୍ରାନ୍ତିକୁ ଓଡ଼ିଆ ନବବର୍ଷ ଭାବେ ପାଳନ କରାଯାଏ। ଭାରତର ବିଭିନ୍ନ ପ୍ରାନ୍ତରେ ମଧ୍ୟ ଏହି ଦିବସକୁ ଭିନ୍ନ ଭିନ୍ନ ନାମରେ ପାଳନ କରାଯାଏ। ଓଡ଼ିଶାର ଦକ୍ଷିଣ ଭାଗରେ ଦଣ୍ଡଯାତ୍ରା, ଉତ୍ତରରେ ଚଡ଼କ ଯାତ୍ରା ବା ପାଟୁଆ ଯାତ୍ରା, ଏବଂ ପଶ୍ଚିମରେ ଏହାକୁ ଝାମୁଯାତ୍ରା ଆଖ୍ୟା ଦିଆଯାଇଥାଏ। ଓଡ଼ିଶାର ସାମାଜିକ ଜୀବନରେ ଏହି ଦିବସଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ରାଉରକେଲାର ପ୍ରମୁଖ ସାଂସ୍କୃତିକ ଅନୁଷ୍ଠାନ ଗୋପବନ୍ଧୁ ପାଠାଗାର ଆନୁକୂଲ୍ୟରେ ଓଡ଼ିଆ ନବବର୍ଷ ପାଳନ ଅବସରରେ ଅନୁଷ୍ଠିତ ଆଲୋଚନା ସଭାରେ ଯୋଗଦେଇ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି।

ପାଠାଗାରର ବରିଷ୍ଠ ସଦସ୍ୟ ଲକ୍ଷ୍ମଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ତଥା ଆଲୋଚକ ଭାବେ ହାଇଟେକ୍ ମେଡିକାଲ କଲେଜର ଅଧୀକ୍ଷକ ଡା. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ମ୍ୟୁନିସିପାଲ କଲେଜର ସେବା ନିବୃତ୍ତ ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରଫେସର ଦେବପ୍ରସାଦ ମହାପାତ୍ର ଯୋଗଦେଇ ଆଜି ଦିନର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ ହରିହର ଶତପଥୀ ପ୍ରାରମ୍ଭିକ ସୂଚନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ଲକ୍ଷ୍ମଣନାଥ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ପ୍ରୀତି ସାହୁ ମଞ୍ଚ ପରିଚାଳନା ଓ ବରିଷ୍ଠ ସଦସ୍ୟ ତ୍ରିଲୋଚନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ରୀତିକା ରାୟ ଏବଂ ଗୁରୁ ସନ୍ଦୀପ ଦାସ ଓଡ଼ିଶୀ ନୃତ୍ୟ ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। କାର୍ଯ୍ୟକ୍ରମରେ ଗିରିଜା ଶଙ୍କର ଗୋସ୍ୱାମୀ, ସ୍ନିଗ୍ଧା ସାମନ୍ତରାୟ, ନମିତା ଆଚାର୍ଯ୍ୟ, ସାବିତ୍ରୀ ଦାସ, ପ୍ରଭାତୀ ଗୋସ୍ୱାମୀ, ହରିହର ନାୟକ, କୈଳାସ ସାମଲ, ରବୀନ୍ଦ୍ର ସରାଫ ପ୍ରମୁଖ ସହାୟତା କରିଥିଲେ। ପାଠାଗାର ସଦସ୍ୟ ଅଚ୍ୟୁତାନନ୍ଦ ପଟେଲ, ଗୋପାଳ ପ୍ରସାଦ ଜେନା, ନିର୍ମଳ ଚନ୍ଦ୍ର ଆଚାର୍ଯ୍ୟ, ଉମେଶ ଚନ୍ଦ୍ର ଜେନା, ରାଜକୁମାର ମହାନ୍ତି, ଦେବରାଜ ଗୌଡ଼, ଗଦାଧର ରଥ, ଜିକେ ରାୟ, ଗୁରୁଚରଣ ପଟ୍ଟନାୟକ, ଧ୍ରୁବଚରଣ ନାୟକ, ଉଦୟ ସାହୁ, ମଧୁସୂଦନ ବଳ, ମୁରାରୀ ପ୍ରଧାନ, ନୀରଦ ଭୂଷଣ ପଟ୍ଟନାୟକ, ପୁରୁଷୋତ୍ତମ ପ୍ରଧାନ, ହରିଶ୍ଚନ୍ଦ୍ର ଭୂମିଜ, ରବୀନ୍ଦ୍ରନାଥ ସାହୁ, ତିଲୋତ୍ତମା ବଳ, ଅଶୋକ ଶୁକ୍ଳ, ପ୍ରତାପ ମହାନ୍ତି ପ୍ରମୁଖଙ୍କ ସହ ବହୁ ସଂସ୍କୃତିପ୍ରେମୀ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଧାମରା ସଂଘ ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ

**ରାଉରକେଲା, ୧୪।୪(ସମିସ):** ଓଡ଼ିଆ ନବବର୍ଷ ତଥା ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ଅଗ୍ରଣୀ ଅନୁଷ୍ଠାନ ଧାମରା ସଂଘ ପକ୍ଷରୁ ସଭାପତି ପ୍ରଶାନ୍ତ କୁମାର ବେହେରା ଜଳଛତ୍ର କେନ୍ଦ୍ର ଉଦଘାଟନ କରିଛନ୍ତି। ଏହାସହ ଲୋକଙ୍କୁ ପଣା ବଣ୍ଟନ କରାଯାଇଛି। ଏହି ଅବସରରେ ଭଗବାନ ରାଉତ, ଉପେନ୍ଦ୍ର ନାୟକ, ରତ୍ନାକର ବଳ, ଶ୍ରୀବତ୍ସ କୁଅଁର, ଅକ୍ଷୟ ଦାସ, ଆଲୋକ ବେହେରା, ସୁଶାନ୍ତ ନାୟକ, ଅପୁ ନାୟକ, ବାଳକୃଷ୍ଣ ସ୍ୱାଇଁ, ପ୍ରବୋଧ ଜେନା, ବଳରାମ ମଲ୍ଲିକ, ନିତ୍ୟାନନ୍ଦ ଓଝା, ଶ୍ରୀପତି ଶୁକ୍ଳା, କରୁଣାକର ମହାରଣା, ହେମନ୍ତ ସାହୁ, ସଞ୍ଜୟ ସା ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଦୀର୍ଘ ୩୦ ବର୍ଷ ଧରି ଗ୍ରୀଷ୍ମ ଋତୁରେ ଲୋକଙ୍କ ତୃଷ୍ଣା ନିବାରଣ ପାଇଁ ଛେଣ୍ଡ ଥାନା ନିକଟ ଟିଂ ରୋଡ୍ ପାର୍ଶ୍ୱରେ ସଂଘ ପକ୍ଷରୁ ଜଳଛତ୍ର କରାଯାଇ ଆସୁଛି।



# ମହାବିଷୁବ ମିଳନ ଓ କବିତା ପାଠୋତ୍ସବ

**ରାଉରକେଲା, ୧୪।୪(ସମିସ):** ପବିତ୍ର ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଉପଲକ୍ଷେ ସାହିତ୍ୟ ଅନୁଷ୍ଠାନ ସୁବର୍ଣ୍ଣରେଖା ତରଫରୁ ରବିବାର କବିତା ପାଠୋତ୍ସବ ଓ ବିଷୁବ ମିଳନ ଅନୁଷ୍ଠିତ ହୋଇଛି। ସଭାପତି ମନୋରଞ୍ଜନ ଦାସ, ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ବେହେରା ମଞ୍ଚାସୀନ ରହି ସମସ୍ତ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ଉଦଘାଟକ ଭାବେ ବରିଷ୍ଠ ସାହିତ୍ୟିକ ତଥା ସାହିତ୍ୟ ସଙ୍ଗଠକ ଭୂପେନ ଦାସ ମହାପାତ୍ର ଯୋଗଦେଇ ସାରସ୍ୱତ ଅଭିଭାଷଣ ପ୍ରଦାନ କରିଥିଲେ। ନିଜ ପତ୍ରିକାରେ ପଠିତ କବିତାରୁ କିଛି ପ୍ରକାଶ କରିବେ ବୋଲି ଘୋଷଣା କରିଥିଲେ। କବି ମନୋରଞ୍ଜନ ଦାସ, ପ୍ରଫୁଲ୍ଲ କୁମାର ସାହୁ, ରାଜୀବ ପାତ୍ର, ସୁବ୍ରତ କୁମାର ଜେନା, ମାନିନୀ ପାତ୍ର, କମଳଲୋଚନ ଗାରୁ, ନିତ୍ୟାନନ୍ଦ ବେହେରା, ରାଜେନ୍ଦ୍ର ଦାସ, ଡା. ସାନ୍ତ୍ୱନା ପରିଡ଼ା, ମହେନ୍ଦ୍ର ମହାଳିକ ସ୍ୱରଚିତ କବିତା ପାଠ କରିଥିଲେ। ସୁବ୍ରତ କୁମାର ଜେନା, ବିଜୟ କୁମାର ପ୍ରଧାନ, କମଳଲୋଚନ ଗାରୁ, ଆନନ୍ଦ ଗିରି, କନକଲତା ଜେନା, ଦମୟନ୍ତୀ ବେହେରା, ଛବିରାଣୀ ପ୍ରଧାନ, ତଅପୋଇ ମାଝୀ, ବନଜା ଦାସ, କରୁଣାକର ବାରିକ, ବାଲୁକିଶୋର ପାତ୍ର, ପରମେଶ୍ୱର ମହାରଣା ସହଯୋଗ କରିଥିଲେ।



# ବିଶ୍ୱକର୍ମା ସମାଜ ପକ୍ଷରୁ ପଣା ବଣ୍ଟନ

ରାଉରକେଲା, ୧୪।୪(ସମିସ): ରବିବାର ପୂର୍ବାହ୍ନରେ ବିଶ୍ୱକର୍ମା ସମାଜ, ରାଉରକେଲା ତରଫରୁ ସେକ୍ଟର-୩ ବିଶ୍ୱକର୍ମା ମନ୍ଦିର ପରିସରରେ ମହାବିଷୁବ ସଂକ୍ରାନ୍ତି (ପଣା ସଂକ୍ରାନ୍ତି) ପାଳନ କରାଯାଇଛି। ଏହି ଉପଲକ୍ଷେ ପଣା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଶ୍ୱକର୍ମା ସମାଜର ବହୁ ସଦସ୍ୟ ଉପସ୍ଥିତ ରହି ସୁଚାରୁରୂପେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଚଣ୍ଡ ଖରାରେ ଦେବଦେବୀଙ୍କ ଦର୍ଶନ ପାଇଁ ଆସିଥିବା ସମସ୍ତ ଶ୍ରଦ୍ଧାଳୁ ପଣା ସେବନ କରି ଆଶ୍ୱସ୍ତି ଅନୁଭବ କରିଥିଲେ। ଏହାସହ ଆସନ୍ତା ୨୧ ତାରିଖ ହେବାକୁ ଥିବା ବିଶ୍ୱକର୍ମା ସମାଜର ପରିବାର ମିଳନ ଉତ୍ସବ ଉପଲକ୍ଷେ କୁନିକୁନି ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

# ଆଭା ଅନ୍ୱେଷ ପକ୍ଷରୁ ଓଡ଼ିଆ ନବବର୍ଷ ପାଳିତ



**ରାଉରକେଲା, ୧୪।୪(ସମିସ):** ରାଉରକେଲା ସହରର ଶିକ୍ଷାର୍ଥୀ ଓ ଶିକ୍ଷକ ସାମାଜିକ କଲ୍ୟାଣ ସଂଗଠନ ଆଭା ଅନ୍ୱେଷ ପକ୍ଷରୁ ରବିବାର ପଣା ସଂକ୍ରାନ୍ତିରେ ସାରନା ଛକଠାରେ ଓଡ଼ିଆ ନବବର୍ଷ ଉତ୍ସବ ପାଳିତ ହୋଇଛି। ସଂଗଠନ ସଭାପତି ଆର୍ତ୍ତତ୍ରାଣ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ତଥା କୁତ୍ରା ବିଇଓ ଶରତ କୁମାର ପତି ପରିଚାଳନା କରିଥିଲେ। ବିଶ୍ରା ବିଇଓ ବେଣୁଧର ସ୍ୱାଇଁ, ଏବିଇଓ ମୀନାରାଣୀ ଜେନା, ପୂର୍ବତନ ଏବିଇଓ ପ୍ରଫୁଲ୍ଲ କୁମାର ଜେନା, ଅନିଲ କୁମାର ସାମନ୍ତରାୟ, ପୂର୍ବତନ ପ୍ରଧାନଶିକ୍ଷକ ଗିରିଜା ଶଙ୍କର ପାଢ଼ୀ ଯୋଗଦେଇ ଆଗାମୀ ଦିନରେ ଆଭା ଅନୁଷ୍ଠାନ ପକ୍ଷରୁ ହେବାକୁ ଥିବା କାର୍ଯ୍ୟକ୍ରମକୁ ତ୍ୱରାନିତ କରିବା ପାଇଁ ମତ ଦେଇଥିଲେ। ପରେ ଅନୁଷ୍ଠାନ ପକ୍ଷରୁ ଲୋକଙ୍କୁ ପଣା ବଣ୍ଟନ କରାଯାଇଥିଲା। ପ୍ରମୋଦ ଭଞ୍ଜ, ଅଜିତ ଗିରି, ଅନନ୍ତ ନାୟକ, କାର୍ତ୍ତିକ ଚନ୍ଦ୍ର ମିଶ୍ର, ଚକ୍ରଧର ମୁଦୁଲି, ଆନନ୍ଦ ଚନ୍ଦ୍ର ମଲ୍ଲିକ, ପ୍ରିୟଙ୍କା ସାହୁ, ସିପ୍ରା ସାହୁ, ଦୀପ୍ତିମୟୀ ପରିଡ଼ା, ନଳିନୀ ସାହୁ, ନମିତା ମିଶ୍ର, ନମିତା ମହାନ୍ତି, ସବିତା ବସ୍ତିଆ, ସଞ୍ଜୁକ୍ତା ରାଉତ, ବିଦ୍ୟୁତ୍‌ଲତା ସୁତାର, ଚନ୍ଦ୍ରଶେଖର ରାଉତ, ହରିହର ବେହେରା, କାଳନ୍ଦୀ ସାହୁ, ରେଖା ଦେବୀ, ସଞ୍ଜୟ ମଲ୍ଲିକ, ହରିହର ବେହେରା ପ୍ରମୁଖ ସଦସ୍ୟ ଓ ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ପଣା ବଣ୍ଟନରେ ସହଯୋଗ କରିଥିଲେ। ଯଶୋବନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍‌ଏସ୍‌ପିରେ ଜାତୀୟ ଅଗ୍ନିଶମ ସେବା ଦିବସ ପାଳିତ



**ରାଉରକେଲା, ୧୪।୪(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ରେ ରବିବାର ଜାତୀୟ ଅଗ୍ନିଶମ ସେବା ଦିବସ ପାଳିତ ହୋଇଛି। ଏହି ଦିବସ ପାଳନ ସହ ଆରଏସପିରେ ଏପ୍ରିଲ ୭ରୁ ଆରମ୍ଭ ହୋଇଥିବା ଅଗ୍ନିଶମ ସେବା ସପ୍ତାହ ପାଳନ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। ଆରଏସପି ଅଗ୍ନିଶମ ସେବା ବିଭାଗ ସେଣ୍ଟ୍ରାଲ ଫାୟାର ଷ୍ଟେସନଠାରେ ଏହି ଅବସରରେ ଆୟୋଜିତ ଉତ୍ସବରେ କାରଖାନାର କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସଆର ସୂର୍ଯ୍ୟବଂଶୀ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଉତ୍ସବରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଡା. ବିକେ ହୋତା, କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ସିଆଇଏସଏଫର ସିନିୟର କମାଣ୍ଡାଣ୍ଟ ଅଶୋକ ଜଲୱାନିଆ, ସେବା ବିଭାଗ ସିଜିଏମ ଇନ ଚାର୍ଜ ପିଏନଭିଏସ ପ୍ରଭାକର, ଅଗ୍ନିଶମ ସେବା ବିଭାଗ ଜିଏମ ଜେବି ପଟ୍ଟନାୟକଙ୍କ ସମେତ ବହୁ ମୁଖ୍ୟ ମହାପ୍ରବନ୍ଧକ, ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।
ନିର୍ବାହୀ ନିର୍ଦ୍ଦେଶକ ସୂର୍ଯ୍ୟବଂଶୀ ଅଗ୍ନିଶମ ପତାକା ଉତ୍ତୋଳନ କରିବା ସହ ଗାର୍ଡ ଅଫ ଅନର ପରିଦର୍ଶନ କରିଥିଲେ। ୧୯୪୪ରେ ତତ୍କାଳୀନ ବମ୍ବେ ଡକୟାର୍ଡରେ ଭୟାବହ ଅଗ୍ନି କବଳରୁ ବହୁ ଧନଜୀବନ ବଞ୍ଚାଇବାକୁ ଯାଇ ପ୍ରାଣବଳୀ ଦେଇଥିବା ୬୬ ନିର୍ଭୀକ ଅଗ୍ନି ନିର୍ବାପନକାରୀଙ୍କୁ ସମ୍ମାନ ଜଣାଇ ସୂର୍ଯ୍ୟବଂଶୀ ଓ ଅନ୍ୟମାନେ ସେମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ନିଜ ଅଭିଭାଷଣରେ ସୂର୍ଯ୍ୟବଂଶୀ ଚଳିତ ବର୍ଷ ଏହି ଦିବସ ପାଳନର ସନ୍ଦର୍ଭ 'ଅଗ୍ନି ସୁରକ୍ଷା ସୁନିଶ୍ଚିତ କରନ୍ତୁ, ରାଷ୍ଟ୍ର ନିର୍ମାଣରେ ଯୋଗଦାନ ଦିଅନ୍ତୁ' ଉପରେ ଆଲୋକପାତ କରିବା ସହ ଦେଶର ସାମଗ୍ରିକ ବିକାଶ ଓ ପ୍ରଗତିରେ ଅଗ୍ନି ସୁରକ୍ଷାର ମହତ୍ତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଗ୍ନି ପ୍ରତିରୋଧ ଉପରେ ଏକ ପୁସ୍ତିକା ମଧ୍ୟ ଉନ୍ମୋଚନ କରିଥିଲେ। ପରେ ସେ ଅଗ୍ନିସୁରକ୍ଷା ବାହନକୁ ନେଇ ଏକ ସଚେତନତା ଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅଗ୍ନିଶମ ସେବା ବିଭାଗୀୟ ବାହନ ଶିଳ୍ପ ସହରାଞ୍ଚଳ ଗସ୍ତ କରି ଅଗ୍ନି ସୁରକ୍ଷା ସମ୍ବନ୍ଧୀୟ ବାର୍ତ୍ତା ପ୍ରସାରିତ କରିବ। ପ୍ରାରମ୍ଭରେ ସମବେତ କର୍ମଚାରୀଙ୍କୁ ଓଡ଼ିଆ, ହିନ୍ଦୀ ଓ ଇଂରାଜୀରେ ଅଗ୍ନିଶମ ସେବା ଦିବସର ଶପଥପାଠ କରାଯାଇଥିଲା। ସୂଚନାଯୋଗ୍ୟ, ଅଗ୍ନିଶମ ସପ୍ତାହ ପାଳନ ଅବସରରେ ଅଗ୍ନିଶମ ବିଭାଗ ଦ୍ୱାରା ସପ୍ତାହବ୍ୟାପୀ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଏବଂ ଅଗ୍ନି ପ୍ରତିରୋଧ ଜନିତ କୌଶଳ ପ୍ରଦର୍ଶନ କରାଯାଇଥିଲା। ଅଗ୍ନିଶମ ବିଭାଗର ଏଜିଏମ ଏମଆଇ ସୋଙ୍କୁସାରେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଆ ନବବର୍ଷ ପାଳିତ



**ରାଉରକେଲା, ୧୪।୪(ସମିସ):** ଉତ୍କଳ ସମ୍ମିଳନୀ ରାଉରକେଲା ଶାଖା ପକ୍ଷରୁ ଓଡ଼ିଆ ନବବର୍ଷ ଓ ପଣା ବିତରଣ କାର୍ଯ୍ୟକ୍ରମ ସ୍ଥାନୀୟ ବାସନ୍ତୀ କଲୋନୀସ୍ଥିତ ଡିଏଭି ଛକରେ ଅନୁଷ୍ଠିତ ହୋଇଛି। ଉତ୍କଳର ପରମ୍ପରା ମହାନ ଓ ଏହାର ସାମାଜିକ ବୈଶିଷ୍ଟ୍ୟ ଆଧାରରେ ଥିବା ସମସ୍ତ ପର୍ବପର୍ବାଣୀ ଗୁରୁତ୍ୱ, ମହନୀୟ ଓ ନିଜ ଅସ୍ମିତାକୁ ଅକ୍ଷୁଣ୍ଣ ରଖିବା ପାଇଁ ପର୍ବପର୍ବାଣୀ ପାଳନ ବାଞ୍ଛନୀୟ ବୋଲି ଏହି ଅବସରରେ ମତପ୍ରକାଶ ପାଇଥିଲା। ସାଧାରଣ ସମ୍ପାଦକ ଅକ୍ଷୟ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶାଖା ଉପଦେଷ୍ଟା ଡ. ପୀତବାସ ମିଶ୍ର, ଉପ-ସଭାପତି ଚିତ୍ତରଞ୍ଜନ ଦାସ, କୋଷାଧ୍ୟକ୍ଷ ଭଗବାନ ମହାପାତ୍ର, କାର୍ଯ୍ୟକାରୀ କମିଟି ସଦସ୍ୟ ନବଘନ ପାଣି, ରାଜକିଶୋର ମିଶ୍ର, ବାଳକୃଷ୍ଣ ସ୍ୱାଇଁ, କନକଲତା ମିଶ୍ର, ବାସନ୍ତୀ ପୃଷେଠ, ରାଜକିଶୋର ମହାନ୍ତି, ଅକ୍ଷୟ ଧଳ, ରବୀନ୍ଦ୍ର ମହାନ୍ତି, ସୁରେଶ ପଟ୍ଟନାୟକ, ଅଶ୍ୱିନୀ ସାମଲ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ଡୋଲାମାଇଟ୍ ମାଇନିଂ କର୍ପୋରେସନ ମୁଖ୍ୟ ପରିଚାଳକ ଜ୍ଞାନଚାନ୍ଦ ପ୍ରସାଦ ଅଗ୍ରୱାଲ ଓ ତାଙ୍କ ନାତି ପବନ ଜୟ ଅଗ୍ରୱାଲ, ସୌରଭ ଅଗ୍ରୱାଲଙ୍କ ସହାୟତାରେ ପ୍ରାୟ ୨ ହଜାର ପଥଚାରୀଙ୍କୁ ସୁସ୍ୱାଦୁ ପଣା ବଣ୍ଟନ କରାଯାଇଥିଲା।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର, ବାଛୁରୀ ମୃତ

**ବଣାଇଁ, ୧୪।୪(ସମିସ):** ଟିକାୟତପାଲି ଥାନା ଅନ୍ତର୍ଗତ ଟୁଣିଆପାଲି ଛକରୁ ଚନ୍ଦ୍ରପୁରକୁ ସଂଯୋଗ କରୁଥିବା ରାସ୍ତାର ନାଗାଡିହି ଛକ ନିକଟରେ ବାଛୁରୀ ସହିତ ବାଇକ୍ ଧକ୍କା ହେବାରୁ ଜଣେ ଯୁବକ ଗୁରୁତର ହେବା ସହ ଘଟଣାସ୍ଥଳରେ ବାଛୁରୀର ମୃତ୍ୟୁ ଘଟିଛି। ଡାଲୁପାଣି ଗ୍ରାମର ବିପିନ ମୁଣ୍ଡା ରବିବାର ସକାଳେ ବାଇକ୍ ଯୋଗେ କୌଣସି କାମରେ ଟୁଣିଆପାଲି ଛକକୁ ଆସି ଘରକୁ ଫେରୁଥିବା ବେଳେ ନାଗାଡିହି ଛକ ନିକଟରେ ଏକ ବାଛୁରୀ ସହ ତାଙ୍କ ବାଇକ୍ ଧକ୍କା ହୋଇଥିଲା। ବିପିନ ଗାଡ଼ିରୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବଣାଇଁ ଡାକ୍ତରଖାନା ପଠାଇଥିଲେ। ଖବର ପାଇ ତାଙ୍କ ପରିବାର ଲୋକେ ଡାକ୍ତରଖାନା ପହଞ୍ଚିଛନ୍ତି।



ସକାଳ THE SAKALA



## ବିଭିନ୍ନ ସ୍ଥାନରେ ଆମ୍ବେଦକର ଜୟନ୍ତୀ ପାଳିତ

# ଜୋର୍ ଧରିଲା ବାବାସାହେବଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି


ଜିଲ୍ଲା ଲକ୍ଷେଘର ସମାଜ


କୁଶପଡ଼ା ମୂଳ ନିବାସୀ ସଂଘ


ରଜକ ସେବା ସଂଘ


ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ


ଦର୍ଲିପାଲି ଲକ୍ଷେଘର ସମାଜ

**ସୁନ୍ଦରଗଡ଼, ୧୪ ।୪(ସମିସ): ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ରବିବାର ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କ ସ୍ମୃତିଚାରଣ କରାଯାଇଛି । ଏଥିସହ ସମସ୍ତେ ବିଭିନ୍ନ ଢଙ୍ଗରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଏକ ସ୍ୱରରେ ସୁନ୍ଦରଗଡ଼ରେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବିକୁ ଦାବି ଉଠାଇଛନ୍ତି ।**

### ରଜକ ସେବା ସଂଘ

ଅଗ୍ରଣୀ ସାମାଜିକ ଅନୁଷ୍ଠାନ ରଜକ ସେବାସଂଘ ପକ୍ଷରୁ ଟାଙ୍ଗରପାଲି ବ୍ଲକ ତେଲିପାଲି ଶୈବପୀଠରେ ଆମ୍ବେଦକର ଜୟନ୍ତୀ ପାଳିତ ହୋଇଛି । ଏଥିରେ ସଂଘର କେନ୍ଦ୍ରୀୟ କମିଟି ସଭାପତି ଉମେଶ କୁମାର ସେଠ ମୁଖ୍ୟଅତିଥି ଭାବେ ଯୋଗଦେଇ ଆମ୍ବେଦକରଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ଅବହେଳାର ତାଡ଼ନାରେ ପରିଶେଷରେ ସେ ଧର୍ମ ପରିବର୍ତ୍ତନ କରିଥିଲେ ବୋଲି କହିଥିଲେ । କେନ୍ଦ୍ରୀୟ ଉପଦେଷ୍ଟା ତଥା ଅବସରପ୍ରାପ୍ତ ବିଡିଓ ଚନ୍ଦ୍ରମଣି ସେଠ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆମ୍ବେଦକରଙ୍କ ଜୀବନାଦର୍ଶ ଉପରେ ସାରଗର୍ଭକ ଆଲୋଚନା କରିଥିଲେ । କେନ୍ଦ୍ରୀୟ କମିଟି ସମୀକ୍ଷକ ତଥା ଅବସରପ୍ରାପ୍ତ ଏବିଡିଓ ସୁରେନ୍ଦ୍ର କୁମାର ସେଠ ଓ ସମ୍ବଲପୁର ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ସେଠ ମାତ୍ର ୬୫ ବର୍ଷ ବୟସରେ ଆମ୍ବେଦକରଙ୍କ ମୃତ୍ୟୁ ଘଟିଥିଲେ ହେଁ ସେ ଚିର ଅମର ରହିବେ ବୋଲି କହିଥିଲେ । କେନ୍ଦ୍ରୀୟ ସମ୍ପାଦକ ଜୟକୃଷ୍ଣ ସେଠ ଏଥିରେ ଅଧ୍ୟକ୍ଷତା କରି ସୁନ୍ଦରଗଡ଼ ସହରରେ ସମ୍ବିଧାନ ପ୍ରଣେତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି ପ୍ରତି ପ୍ରଶାସନ ଅଣଦେଖା କରୁଥିବା ଅଭିଯୋଗ କରି ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ । କେନ୍ଦ୍ରୀୟ କୋଷାଧ୍ୟକ୍ଷ ଅଭିନ୍ନ ଚନ୍ଦ୍ର ସେଠ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ ।

### କୁଶପଡ଼ା ମୂଳ ନିବାସୀ ସଂଘ

ସୁନ୍ଦରଗଡ଼ ସଦର ବ୍ଲକ କୁଶପଡ଼ାଠାରେ ଆମ୍ବେଦକଙ୍କ ଜୟନ୍ତୀ ପାଳିତ ହୋଇଛି । ଏହି ଅବସରରେ ଜୟଭୀମ ନାରାରେ ସଭାସ୍ଥଳ ପ୍ରକମ୍ପିତ ହୋଇଥିଲା । ସମାରୋହରେ ପୂର୍ବତନ ବିଧାୟକ ଯାଗେଶ କୁମାର ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଦଳିତଙ୍କ ଅଧିକାର ପାଇଁ ଆମକୁ ଏକଜୁଟ ହୋଇ ଆହୁରି ସଂଘର୍ଷ କରିବାକୁ ପଡ଼ିବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଡା. ହିମାଂଶୁ ଶେଖର ଷଡ଼ଙ୍ଗୀ, ସୁନ୍ଦରଗଡ଼ (କ) ଜିଲ୍ଲା ପରିଷଦ ସଭ୍ୟ ଅଶ୍ୱିନୀ ନାଏକ, (ଖ) ଜିଲ୍ଲା ପରିଷଦ ସଭ୍ୟା ମଞ୍ଜୁଲତା ନାଏକ, ସ୍ଥାନୀୟ ସରପଞ୍ଚ ରାଜକିଶୋରୀ ଏକ୍କା, ସୁମନ୍ତ ସାହୁ, ଲକ୍ଷେଘର ସମାଜ ସଭାପତି ବିଶ୍ୱମ୍ବର ମହାନନ୍ଦିଆ, ଜିଲ୍ଲା ରୋହିଦାସ ସେବା ସଂଘ ସମ୍ପାଦକ ଦେବେନ୍ଦ୍ର ରୋହିଦାସ, ବୈକୁଣ୍ଠ ରୋହିଦାସ, ସୁନୀଲ ମହାପାତ୍ର ପ୍ରମୁଖ ଯୋଗଦେଇ ବାବାସାହେବଙ୍କ ସ୍ମୃତିଚାରଣ କରିଥିଲେ । ଯଦିଓ ସ୍ୱାଧୀନତାର ୭୭ ବର୍ଷ ଓ ସମ୍ବିଧାନ ପ୍ରଣୟନର ୭୩ ବର୍ଷ ପୂରି ସାରିଛି ତଥାପି ଦେଶର ଦଳିତ, ଶୋଷିତ ବର୍ଗ ତାଙ୍କ ଅଧିକାରରୁ ବଞ୍ଚିତ ରହିଥିବାରୁ ବାବାସାହେବଙ୍କ ସ୍ୱପ୍ନ ଅଧୁରା ରହିଥିବା ଏହି ଅବସରରେ ମତ ପ୍ରକାଶ ପାଇଥିଲା । ଦେବାନନ୍ଦ ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଜିଲ୍ଲା ଲକ୍ଷେଘର ସମାଜ

ସୁନ୍ଦରଗଡ଼ ଜିଲ୍ଲା ଲକ୍ଷେଘର ସମାଜ ତରଫରୁ ହସ୍ପିଟାଲ ଛକଠାରେ ବାବାସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳନ କରାଯାଇଛି । ଏଥିସହ ସରକାରୀ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି । ଉପସଭାପତି ରାଜା କାକ, ନଗର ସଭାପତି ସୁନୀଲ ମହାନନ୍ଦିଆ, କାର୍ଯ୍ୟକାରୀ ସଭାପତି କାଲୋ ସିଂହ, ସାଧାରଣ ସମ୍ପାଦକ ମହେଶ ତନ୍ତୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ବିଶ୍ୱମ୍ବର୍ ମହାନନ୍ଦିଆ, ଲବଣୀଧର ବାଗ, ସାଧାରଣ ସମ୍ପାଦକ ଲଳିନ୍ଦ୍ର ଶିଙ୍ଗ, ସୁଶିଲ ବାଗ, ଉପସଭାପତି ଶ୍ରାବଣ ଗର୍ଡ଼ିଆ, କୋଷାଧ୍ୟକ୍ଷ ଜିଲେଶ୍ୱର ଜୟପୁରିଆ, ଉପଦେଷ୍ଟା ବିଶ୍ୱଜିତ୍ ତନ୍ତୀ, ଦାମୋଦର ଦେହୁରିଆ, ସୁନ୍ଦରଗଡ଼ ନଗର ଉପସଭାପତି ମନୁ ତନ୍ତୀ, ସମ୍ପାଦକ ଛବିରାଜ ଜୟପୁରିଆ, ଆକାଶ ସୁନ୍ୟାନି, ଅମିତ ପାଣ୍ଡବ, ଆଜାଦ ବାଗ, ମହିଳା ସଂଗଠନ ସଭାପତି ଉର୍ମିଳା ଗନ୍ଧା, ସାଧାରଣ ସମ୍ପାଦକ ତପେଇ ବାଗ, ଉପସଭାପତି ମଞ୍ଜୁ ବାଦି, ସମ୍ପାଦକ ପଦ୍ମିନୀ ସୁନ୍ୟାନି, ମିନତି ପାତ୍ର, ବବିତା ମହାନନ୍ଦିଆ, ଜୟନ୍ତୀ ସୁନ୍ୟାନି, ସୋନି କାକ ପ୍ରମୁଖ ଉପସ୍ଥିତ ଥିଲେ ।

### ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ

ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆମ୍ବେଦକର ଜୟନ୍ତୀ ସମାରୋହରେ ପାଳିତ ହୋଇଛି । ପ୍ରାରମ୍ଭରେ ଭାରତରତ୍ନ ଡ. ଆମ୍ବେଦକରଙ୍କ ଫଟୋଚିତ୍ରରେ ଅତିଥିଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବିଧାନ ପ୍ରଣେତା ଡ. ଆମ୍ବେଦକରଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କ ମହାନ ଜୀବନ ଦର୍ଶନ ଉପରେ କହିଥିଲେ । ଅନ୍ୟତମ ଅତିଥି ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ଭାରତୀୟ ସମ୍ବିଧାନ ପ୍ରତି ଆମ୍ବେଦକରଙ୍କ ଭୂମିକା ଏବଂ ତାଙ୍କ ଶିକ୍ଷା ଗ୍ରହଣ ସମୟର ଘଟଣାବଳୀ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ ଆମ୍ବେଦକରଙ୍କ ଜୀବନୀ ଉପରେ ଆଲୋଚନା କରି ଅସ୍ପୃଶ୍ୟତା ବିରୋଧରେ ତାଙ୍କ ଆନ୍ଦୋଳନ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବାବାସାହେବଙ୍କ ଉପରେ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇ ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଡା. ଅନନ୍ତ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ ।

### ଦର୍ଲିପାଲି ଲକ୍ଷେଘର ସମାଜ

ଦର୍ଲିପାଲି ଲକ୍ଷେଘର ସମାଜ ପକ୍ଷରୁ ଦର୍ଲିପାଲିଠାରେ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଛି । ସମାଜର ସମସ୍ତ ଗ୍ରାମବାସୀ ଉପସ୍ଥିତ ରହି ବାବାସାହେବଙ୍କ ପୂଜାର୍ଚ୍ଚନା କରିବା ସହ ପୁଷ୍ପାମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଆମ୍ବେଦକରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ । ସମାଜର ବରିଷ୍ଠ ବ୍ୟକ୍ତି ଲିଙ୍ଗରାଜ ଗର୍ଡ଼ିଆ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଆୟୋଜିତ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଛି ।

---

#### ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ

## ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଗୁରୁମନ୍ତ୍ର ଦେଲେ ପ୍ରୀତିରଞ୍ଜନ

**ସୁନ୍ଦରଗଡ଼, ୧୪ ।୪(ସମିସ):** ଆଗାମୀ ସାଧାରଣ ନିର୍ବାଚନରେ ବିଜଦେଡିର ସୁନ୍ଦରଗଡ଼ ଲୋକସଭା ପ୍ରାର୍ଥୀ ପଦ୍ମଶ୍ରୀ ଦିଲୀପ ତିର୍କୀ ଏବଂ ତଳସରା ବିଧାନସଭା ପ୍ରାର୍ଥୀ ଡ. ବିନୟ ଟପ୍ପୋଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ଦଳର ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି । ତଳସରା ନିର୍ବାଚନମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ବୈକୁଣ୍ଠ ନାଏକଙ୍କ ଅଧ୍ୟକ୍ଷତାରେ ବଡ଼ଗାଁଠାରେ ଆୟୋଜିତ ନିର୍ବାଚନମଣ୍ଡଳୀସ୍ତରୀୟ କର୍ମୀ ସମ୍ମିଳନୀରେ ପର୍ଯ୍ୟବେକ୍ଷକ ଘଡ଼େଇ ଯୋଗଦେଇ ବୁଥ ସ୍ତରରୁ ଦଳକୁ ଅଧିକ ମଜବୁତ୍ କରିବା ପାଇଁ ବୁଥ କମିଟି ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କରାଯାଇଥିବା ସମସ୍ତ ଲୋକାଭିମୁଖୀ ଯୋଜନାକୁ ଘରେ ଘରେ ପ୍ରଚାରପ୍ରସାର କରିବା ପାଇଁ ଜୋନସ୍ତରୀୟ ନିର୍ବାଚନ ପ୍ରଚାର କମିଟି ଗଠନ କରିବାକୁ ପରାମର୍ଶ ଦେଇଥିଲେ । ଲୋକସଭା ପ୍ରାର୍ଥୀ ଡ. ତିର୍କୀ ଓ ବିଧାନସଭା ପ୍ରାର୍ଥୀ ଡ. ଟପ୍ପୋ ନିଜ ସପକ୍ଷରେ ଭୋଟଭିକ୍ଷା କରିଥିଲେ । ଜିଲ୍ଲା ସହପର୍ଯ୍ୟବେକ୍ଷକ ଦେବାଶିଷ ମଲ୍ଲିକ, ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀ, ବାଲିଶଙ୍କରା ପଞ୍ଚାୟତ ସମିତି ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ସବଡେଗା ପଞ୍ଚାୟତ ସମିତି ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ବାଲିଶଙ୍କରା ବ୍ଲକ ଉପାଧ୍ୟକ୍ଷ ପୀତାମ୍ବର ଶେଖର ଦେଓ, ଜିଲ୍ଲାପରିଷଦ ସଭ୍ୟ ମନୋଜ ବରୁଆ, ବୈଷ୍ଣବ ମାଝୀ, ଜଳନୀ କେରକେଟା, ଜୟନ୍ତୀ ଏକ୍କା, ବିନୋଦ କୁଜୁର, ବରିଷ୍ଠ ନେତା ନୃପଚନ୍ଦ୍ର ଦଣ୍ଡସେନା, ବ୍ଲକ ବିଜେଡି ସଭାପତି ଦେବାଶିଷ ମିଶ୍ର, ଅରୁଣ ଦୀକ୍ଷିତ, ଅମୀୟ ମୁଦୁଲି, ପ୍ରଶାନ୍ତ ପୃଷେଠ, କେଶବ ରଣା, ଗୀତାଞ୍ଜଳି ପଟେଲ, ଏମଡି ଜମିଲ, ଜଗଦୀଶ କର, ସରୋଜ ସାହୁ, ଅନନ୍ତ ପଟେଲ, ରଞ୍ଜନ ସିଂ, ସାରିକା କେରକେଟା ପ୍ରମୁଖ ଉପସ୍ଥିତ ଥିଲେ । ତଳସରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ବ୍ଲକର ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏହି ଅବସରରେ ବଡ଼ଗାଁଠାରେ ବିଜେଡି କାର୍ଯ୍ୟାଳୟ ଉଦଘାଟନ କରାଯାଇଛି ।

---

#### ରାଉରକେଲାରେ ପହଞ୍ଚିବା ପରେ ପ୍ରଫୁଲ୍ଲଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା

## ‘ଓଡ଼ିଶାରେ ଅଭୂତପୂର୍ବ ବିକାଶ ବିଜେଡିରେ ଯୋଗଦେବାକୁ ମତେ ବାଧ୍ୟ କରିଛି’

**ରାଉରକେଲା, ୧୪ ।୪(ସମିସ):** ସାଢ଼େ ୪ କୋଟି ଓଡ଼ିଆଙ୍କ ହୃଦୟରେ ବସିଯାଇଥିବା ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସମଗ୍ର ରାଜ୍ୟରେ ହେଉଥିବା ଅଭୂତପୂର୍ବ ବିକାଶମୂଳକ କାର୍ଯ୍ୟ ହିଁ ମତେ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେବାକୁ ବାଧ୍ୟ କରିଛି । ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶ, ପ୍ରଚଣ୍ଡ ଲୋକପ୍ରିୟତା ସର୍ବୋପରି ତାଙ୍କ ଦୂରଦୃଷ୍ଟିରେ ଅନୁପ୍ରାଣିତ ହୋଇ ମୁଁ ବିଜେଡିରେ ଯୋଗଦେଇଛି ବୋଲି କଂଗ୍ରେସ ପରିତ୍ୟାଗ କରିଥିବା ଜିଲ୍ଲାର ଜଣାଶୁଣା ଯୁବନେତା ପ୍ରଫୁଲ୍ଲ ସୁନ୍ୟାନି କହିଛନ୍ତି । ବିଜେଡିରେ ଯୋଗଦେଇ ପ୍ରଥମ କରି ରାଉରକେଲାରେ ପହଞ୍ଚିବା ପରେ ରବିବାର ତାଙ୍କୁ ବିଭିନ୍ନ ଅନୁଷ୍ଠାନ, ସଂଗଠନ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା ।



ରଘୁନାଥପାଲୀ ବିଧାନସଭା ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜେଡି ନେତା ସୁଧୀର ସୁନ୍ଦରରାୟଙ୍କ ଅଧ୍ୟକ୍ଷତାରେ ସେକ୍ଟର-୨ ବିଜୁ ପଟ୍ଟନାୟକ ଛକରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ ଯୋଗଦେଇ ତାଙ୍କୁ ବିଜେଡିରେ ଗ୍ରହଣ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷ, ରାଜ୍ୟ ସାଂଗଠନିକ ସମ୍ପାଦକ, ସୁନ୍ଦରଗଡ଼ ଜିଲ୍ଲା ପର୍ଯ୍ୟବେକ୍ଷକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ବିଶେଷକରି ସୁନ୍ଦରଗଡ଼ ଜିଲ୍ଲାର ସହରରୁ ନେଇ ଗ୍ରାମାଞ୍ଚଳରେ ଯେଉଁ ସର୍ବାଙ୍ଗୀନ ବିକାଶ ହୋଇଛି, ସେଥିପାଇଁ ବିଜେଡି ଆଜି ଘରେ ଘରେ ପରିଚିତ ଏବଂ ଆପଣାର ଦଳ ହୋଇପାରିଛି । ମୁଖ୍ୟମନ୍ତ୍ରୀ ପ୍ରଭୁ ରାମଚନ୍ଦ୍ର ହୋଇ ବିକାଶ ରୂପକ ସେତୁ ବାନ୍ଧିବା ପାଇଁ ଯେଉଁ ଅହରହ ପ୍ରଚେଷ୍ଟା ଜାରି ରଖିଛନ୍ତି, ସେଥିରେ ସେ ଗୁଣ୍ଡୁଚି ମୂଷାର ଭୂମିକା ଗ୍ରହଣ କରିବେ ବୋଲି ପ୍ରଫୁଲ୍ଲ କହିଥିଲେ । ମୁଖ୍ୟମନ୍ତ୍ରୀ ତାଙ୍କୁ ଭରସା କରି ଯେଉଁ ଦାୟିତ୍ୱ ଦେବେ ତାକୁ ସୁଚାରୁରୂପେ ତୁଲାଇବେ ବୋଲି କହିଥିଲେ ।

କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ବିଜେଡି ସାଂସଦ ପ୍ରାର୍ଥୀ ପଦ୍ମଶ୍ରୀ ଡ. ଦିଲୀପ ତିର୍କୀ ଯୋଗଦେଇ କହିଲେ କଂଗ୍ରେସରେ ରହି ସୁନ୍ଦରଗଡ଼ ଜିଲ୍ଲାବାସୀଙ୍କ ସେବା କରି ଆସିଥିବା ପ୍ରଫୁଲ୍ଲ ବିଜେଡିରେ ଯୋଗଦେବା ପରେ ଦଳ ଏବେ ଆହୁରି ଶକ୍ତିଶାଳୀ ହୋଇଛି । ତାଙ୍କ ସହଯୋଗ କେବଳ ରଘୁନାଥପାଲୀ ନୁହେଁ ସମଗ୍ର ଜିଲ୍ଲାରେ ବିଜେଡିକୁ ବିପୁଳ ଭୋଟରେ ବିଜୟୀ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଏହି ଅବସରରେ ପଦ୍ମଶ୍ରୀ ତିର୍କୀ ପ୍ରଫୁଲ୍ଲଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ପ୍ରାରମ୍ଭରେ ପ୍ରଫୁଲ୍ଲ ଓ ଦିଲୀପ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଦିଲୀପ ପହଞ୍ଚିବା ପରେ ତାଙ୍କୁ ଉପସ୍ଥିତ ଜନତା ପୁଷ୍ପଗୁଚ୍ଛ ପ୍ରଦାନ କରି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେଇଥିଲେ । ଏହି ଅବସରରେ ଶୁକ୍ରୁ ତନ୍ତୀ, ମହେନ୍ଦ୍ର କୁମ୍ଭାର, ବିଶାଳ ବେହେରା, ନୀତୀଶ ପାତ୍ର, ରାଜା ପଟ୍ଟନାୟକ, ଲକ୍ଷ୍ମଣ ସ୍ୱାଇଁ, ସୁନୀଲ ସ୍ୱାଇଁ, ସୌମ୍ୟ ରାଉତରାୟ, ରଞ୍ଜିତ ମହାରଣା, ରଞ୍ଜିତ ବିଶ୍ୱାଳ, ଦୀନେଶ ବେହେରା, ପିଙ୍କି ନାଗ, ବିଶ୍ୱଜିତ ରାଉତ, ଶଶାଙ୍କ ଶେଖର ଦାଶ, ଇମତିଆଜ ମହମ୍ମଦ, ତୌହିଦ, ରୋହିତ, ଇମ୍ରାନଙ୍କ ସମେତ ବହୁ ମହିଳା, ପୁରୁଷ, ଯୁବକ, ଯୁବତୀ ଉପସ୍ଥିତ ଥିଲେ ।

---

## ଏଟିଏମ୍‌ରୁ ଚୋରି ଉଦ୍ୟମ; ୩ ଗିରଫ

**ସୁନ୍ଦରଗଡ଼, ୧୪ ।୪(ସମିସ):** ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ଇଣ୍ଡଷ୍ଟ୍ରି ଛକ ନିକଟ ଏଟିଏମରୁ ଚୋରି ଉଦ୍ୟମ ମାମଲାରେ ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଝାରସୁଗୁଡ଼ା ଜିଲ୍ଲା ତିଲେଇମାଲ ଗ୍ରାମର ରମେଶ ଖଡ଼ିଆ (୧୯), ନିକ୍ତିମାଲ ଗ୍ରାମର ସଞ୍ଜୀବ କରାଲି (୩୬) ଓ ରିଷଭ ଡନସନା । ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ସ୍ଥାନୀୟ ଜେଲ ପଠାଇ ଦିଆଯାଇଛି । ଅଭିଯୁକ୍ତମାନେ ଗତ ୧୪ ତାରିଖ ଉକ୍ତ ଏଟିଏମ ଭାଙ୍ଗି ଚୋରି ଉଦ୍ୟମ କରିଥିଲେ ।

## ଚୋରି ଗାଡ଼ି ଉଦ୍ଧାର; ଅଭିଯୁକ୍ତ ଅଟକ

**ସୁନ୍ଦରଗଡ଼, ୧୪ ।୪(ସମିସ):** ତଳସରା ଥାନା ଅନ୍ତର୍ଗତ ତଳସରା ଗ୍ରାମର ଗୀତାଞ୍ଜଳି ମାଝୀଙ୍କ ଘରୁ ତାଙ୍କ ଆକ୍ଟିଭା ଗାଡ଼ି ଚୋରି ମାମଲାରେ ପୁଲିସକୁ ସଫଳତା ମିଳିଛି । ବଡ଼ଗାଁ ଥାନା ଅନ୍ତର୍ଗତ ସାହାଜବାହାଲ ଗ୍ରମରୁ ପୁଲିସ ଉକ୍ତ ଗାଡ଼ି ଉଦ୍ଧାର କରିଛି । ଅଭିଯୁକ୍ତ ତଳସରା ଗ୍ରାମର ସୁମନ୍ତ ମିଶ୍ରଙ୍କୁ ପୁଲିସ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି । ଅଭିଯୋଗ ଅନୁଯାୟୀ, ଗୀତାଞ୍ଜଳି ଓ ତାଙ୍କ ସ୍ୱାମୀ ସବଡେଗା ଗ୍ରାମରେ ଭଡ଼ାଘରେ ରହୁଥିବା ବେଳେ ଗୋଟିଏ ଗ୍ରାମର ହୋଇଥିବାରୁ ଅଭିଯୁକ୍ତ ତାଙ୍କ ଘରକୁ ଯାଇ ସ୍ୱାମୀଙ୍କ ସହ କିଛି ଆଳାପ କରିଥିଲେ । କିଛି ସମୟ ପରେ ଗୀତାଞ୍ଜଳି ଓ ତାଙ୍କ ସ୍ୱାମୀ ଅନ୍ୟ କାମରେ ବ୍ୟସ୍ତ ରହିଥିବା ସୁଯୋଗ ନେଇ ସୁମନ୍ତ ଉକ୍ତ ଗାଡ଼ି ନେଇ ଫେରାର ହୋଇଯାଇଥିଲେ । ଏହା ଜାଣି ଗୀତାଞ୍ଜଳିଙ୍କ ସ୍ୱାମୀ ସୁମନ୍ତଙ୍କୁ ଗାଡ଼ି ଫେରାଇବାକୁ ଅନୁରୋଧ କରିଥିଲେ । ଇତିମଧ୍ୟରେ ଗୀତାଞ୍ଜଳିଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କୁ ଗାଡ଼ି ଫେରାଇବାକୁ କହି ଆସୁଥିଲେ ହେଁ ସୁମନ୍ତ ଫେରାଉ ନ ଥିଲେ । ଶେଷରେ ଗୀତାଞ୍ଜଳି ଥାନା ଦ୍ୱାରସ୍ଥ ହୋଇଥିଲେ । ସୁମନ୍ତ ଏବଂ ଶଙ୍କରାର ଅନ୍ୟ ଜଣେ ଅଭିଯୁକ୍ତ ଏହି ଗାଡ଼ିକୁ ସାହାଜବାହାଲ ଗ୍ରାମରେ ବିକ୍ରି କରିଦେଇଥିବା ପୁଲିସ ତଦନ୍ତରୁ ଜଣାପଡ଼ିଥିଲା ।

---

## ପବ୍ଲିକ୍ ସ୍କୁଲ ସ୍କାଉଟ ଦ୍ୱାରା ପଣା ବଣ୍ଟନ




**ସୁନ୍ଦରଗଡ଼, ୧୪ ।୪(ସମିସ):** ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଅବସରରେ ସୁନ୍ଦରଗଡ଼ ପବ୍ଲିକ ସ୍କୁଲ ସ୍କାଉଟ ଦ୍ୱାରା ଭବାନୀ ଭବନ ପଡ଼ିଆ ପ୍ରାଙ୍ଗଣରେ ପଣା ଓ ଥଣ୍ଡା ପାନୀୟ ଜଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପବ୍ଲିକ ସ୍କୁଲର ସ୍କାଉଟ ମାଷ୍ଟର ଆଶୋକ କୁମାର ପରିଡ଼ାଙ୍କ ନେତୃତ୍ୱରେ ସ୍କାଉଟ ପିଲାମାନେ ଏକାଧିକ ଭାଗ ହୋଇ ରାସ୍ତାରେ ଯାଉଥିବା ଲୋକଙ୍କୁ ପଣା ବଣ୍ଟନ କରିଥିଲେ । ଶିକ୍ଷକ ସନ୍ତୋଷ ମହାନ୍ତ, ତୃପ୍ତି ପଟେଲ, ଶ୍ରୀମନ୍ତ ଦାସ, ସ୍କାଉଟ ଆରମନ ପଟେଲ, ପ୍ରିନ୍ସ ଯାଦବ, ବିଶ୍ୱଜିତ ଦ୍ୱାରି, ବୈଭବ ଅଗ୍ରୱାଲ, ହର୍ଷ ପ୍ରସାଦ, ସମର୍ପଣ ବ୍ରହ୍ମା ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ଟ୍ରଷ୍ଟି ସମ୍ପାଦକ ରବି କିଶୋର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା ।

---

## ତିନି ମାସ ହେଲା ସୌର ଜଳ ଯୋଗାଣ ପ୍ରକଳ୍ପ ଅଚଳ

**ସୁନ୍ଦରଗଡ଼, ୧୪ ।୪(ସମିସ)**

- **ପାଣି ପାଇଁ ଲୋକେ ତହଲବିକଳ**
- **ସୁନ୍ଦରଗଡ଼ରେ ନାହିଁ ମରାମତି ବ୍ୟବସ୍ଥା**

ଲେଫ୍ରିପଡ଼ା ବ୍ଲକ ଝୁରିମାଲ ପଞ୍ଚାୟତ ଝୁରିମାଲ ମୁଖ୍ୟ ବସ୍ତି ମଝିରେ ଥିବା ସୌର ଜଳଯୋଗାଣ ପ୍ରକଳ୍ପ ତିନି ମାସ ତଳୁ ଅଚଳ ହୋଇ ପଡ଼ିଛି । ତଥାପି ଏହାକୁ ସଜଡ଼ା ଯାଉ ନ ଥିବାରୁ ଗ୍ରାମବାସୀ ପିଇବା ପାଣି ଟୋପେ ପାଇଁ ତହଲବିକଳ ହେଉଛନ୍ତି ।

ଗ୍ରାମରେ ଥିବା ଏକ ସର୍ବପୁରାତନ ନଳକୂପକୁ ସୌର ଜଳଯୋଗାଣ ପ୍ରକଳ୍ପ ଭାବେ ରୂପାନ୍ତରିତ କରାଯାଇଛି । ଦିନ ଥିଲା ଏହି ନଳକୂପ ସମ୍ପୂର୍ଣ୍ଣ ଝୁରିମାଲ ଗ୍ରାମକୁ ବର୍ଷତମାମ ପିଇବା ପାଣି ଯୋଗାଉଥିଲା । ତିନି ବର୍ଷ ପୂର୍ବେ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ଦ୍ୱାରା ଏହାକୁ ସୌରଚାଳିତ ଜଳ ଯୋଗାଣ ପ୍ରକଳ୍ପ କରାଯାଇଥିଲା । ହେଲେ ଉକ୍ତ ପ୍ରକଳ୍ପ ବିଭିନ୍ନ ସମୟରେ ଅଚଳ ରହୁଛି । ଫଳରେ ଗ୍ରାମରେ ପାନୀୟ ଜଳ ସଙ୍କଟ ଦେଖାଦେଉଛି । ତିନି ମାସ ତଳେ ଏହା ଅଚଳ ହୋଇପଡ଼ିବା ପରେ ଗ୍ରାମରେ ପାନୀୟ ଜଳ ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି । ଆଗାମୀ ଦିନରେ ପ୍ରଚଣ୍ଡ ରୌଦ୍ରତାପ ବୃଦ୍ଧି ହେବା ଆଶଙ୍କା ରହିଛି । ଏଣୁ ଏହାର ତୁରନ୍ତ ମରାମତି କରା ନ ଗଲେ ପରିସ୍ଥିତି ଆହୁରି ସଙ୍ଗୀନ ହେବା ସମ୍ଭାବନା ସୃଷ୍ଟି ହୋଇଛି । ମରାମତି ପାଇଁ ଗ୍ରାମବାସୀ ସମ୍ପୃକ୍ତ ବିଭାଗକୁ ଯୋଗାଯୋଗ କଲେ ସେମାନେ ଟୋଲ ଫ୍ରି ନମ୍ବରରେ ଅଭିଯୋଗ କରିବାକୁ କହୁଛନ୍ତି । ସ୍ଥାନୀୟ ଠିକାଦାରଙ୍କୁ ସେମାନେ ଯୋଗାଯୋଗ କରିବାରୁ ତାଙ୍କ ଦ୍ୱାରା କିଛି କରିହେବ ନାହିଁ ବୋଲି ରୋକଠୋକ ଶୁଣାଇ ଦେଇଛନ୍ତି । ଏହି ସୌର ଜଳଯୋଗାଣ ପ୍ରକଳ୍ପଗୁଡିକ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ଦ୍ୱାରା କାର୍ଯ୍ୟକାରୀ ହୋଇଥିବାରୁ ଏହାର ମରାମତି ଭୁବନେଶ୍ୱରରୁ ଆସି କରିଥାଆନ୍ତି କହି ସ୍ଥାନୀୟ ମେକାନିକମାନେ ନିଜ ଅକ୍ଷମତା ପ୍ରକାଶ କରୁଛନ୍ତି । ଜିଲ୍ଲାରେ ହଜାର ସଂଖ୍ୟକ ସୌର ଜଳଯୋଗାଣ ପ୍ରକଳ୍ପ ଥିବାରୁ ପଞ୍ଚାୟତ ସ୍ତରରେ ଏହାର ମରାମତି ନିମନ୍ତେ ମେକାନିକ ରଖିବାକୁ ଦାବି ହେଉଛି । ଏହି ସୌର ଜଳଯୋଗାଣ ପ୍ରକଳ୍ପର ତୁରନ୍ତ ମରାମତି ନ ହେଲେ ଆସନ୍ତା ସାଧାରଣ ନିର୍ବାଚନ ନିମନ୍ତେ କୌଣସି ରାଜନୈତିକ ଦଳକୁ ଗ୍ରାମରେ ପଶିବାକୁ ଦିଆଯିବ ନାହିଁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।



ପଣା ସଂକ୍ରାନ୍ତିରେ ଅଘଟଣ

# ପଠାଣଡିଆ ଘାଟରେ ଡଙ୍ଗା ବୁଡ଼ି ୫ ଆହତ

ଏରସମା, ୧୪।୪(ସମିସ)



ଆଜି ପବିତ୍ର ପଣାସଂକ୍ରାନ୍ତି ପାଇଁ ଏରସମାର ସବୁ ମଠ, ମନ୍ଦିର ଚଳଚଞ୍ଚଳ ହୋଇ ଉଠିଥିବାବେଳେ ଆମ୍ବିକି ପଞ୍ଚାୟତସ୍ଥିତ ପଠାଣଡିଆର ମହାବୀର ପୀଠ ନିକଟରେ ଗୋଟିଏ ଡ଼ଙ୍ଗା ଭାରସାମ୍ୟ ହରାଇ ଓଲଟି ପଡ଼ି ବୁଡି ଯିବାରୁ ୨ଶିଶୁଙ୍କ ସମେତ ୫ଜଣ ଆହତ ହୋଇଛନ୍ତି। ଏହି ପୀଠକୁ ଯିବା ପାଇଁ ଦେଶୀ ଡ଼ଙ୍ଗା ଏକ ମାତ୍ର ଭରସା। ପଣା ସଂକ୍ରାନ୍ତି ତଥା ହନୁମାନଙ୍କ ଜନ୍ମଦିନ ପାଇଁ ଆଜି ପ୍ରତ୍ୟେକ ବର୍ଷ ଭଳି ଏଠାରେ ଭକ୍ତମାନଙ୍କ ପ୍ରବଳ ଭିଡ଼ ଜମିଥିଲା। ଡଙ୍ଗାଟି କ୍ଷମତାଠାରୁ ଅଧିକ ସଂଖ୍ୟକ ଯାତ୍ରୀ ନେଇ ଯାଉଥିବାବେଳେ ଏପରି ଅଘଟଣ ଘଟିଛି। ଡଙ୍ଗାରେ ପ୍ରାୟ ୫୦ରୁ ୬୦ଜଣ ଥିବା କୁହାଯାଉଛି। ଏହି ଦୁର୍ଘଟଣାରେ ସମୁଦାୟ ୫ଜଣ ଆହତ ହୋଇଥିବା ବେଳେ କୁଜଙ୍ଗ ଅଞ୍ଚଳର ୨ଜଣ ଶିଶୁ ଥିବା ଜଣାପଡ଼ିଛି। ପ୍ରଶାସନ ପକ୍ଷରୁ କୌଣସି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ନଥିବାରୁ ଏପରି ଅଘଟଣ ଘଟିଲା ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ସମସ୍ତ ଯାତ୍ରୀଙ୍କ ମୋବାଇଲ୍ ପାଣି ପଶି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ଏହି ମହାବୀର ପୀଠଟି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଆଉ ଚତୁର୍ପାର୍ଶ୍ୱରେ ନୀଳ ଜଳ ରାଶି ପାଇଁ ଏଠାକୁ ପର୍ଯ୍ୟଟକମାନେ ଟାଣି ହୋଇ ଆସନ୍ତି। ଏହି ସ୍ଥାନକୁ ଯିବା ପାଇଁ ଦେଶୀ ଡଙ୍ଗା ଏକମାତ୍ର ଭରସା। ସରକାର ଏଠାରେ ଏକ ପୋଲ ନିର୍ମାଣ କରିବା ସହିତ ବର୍ତ୍ତମାନ ଏକ ମଟର ଚାଳିତ ଡ଼ଙ୍ଗା ସହିତ ଲାଇଫ ଜ୍ୟାକେଟର ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହୋଇଛି।

# କେନ୍ଦ୍ରାପଡ଼ାରେ ହିନ୍ଦୁ ଏକତା ଶୋଭାଯାତ୍ରା



**କେନ୍ଦ୍ରାପଡ଼ା, ୧୪।୪(ସମିସ):** ଆଜି ଓଡିଆ ନବବର୍ଷ ତଥା ହନୁମାନଜୀଉଙ୍କ ଜନ୍ମ ଜୟନ୍ତୀ ଉତ୍ସବ ଅବସରରେ ପାଞ୍ଚଶହ ବର୍ଷର ସଂଘର୍ଷମୟ ଇତିହାସର ବିଜୟ ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା "ଧର୍ମରକ୍ଷା ସେନା" ଓ ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳ ଆନୁକୂଲ୍ୟରେ ଏକ "ବିଶାଳ ହିନ୍ଦୁ ଗୌରବ ଯାତ୍ରା" ଆୟୋଜନ କରାଯାଇଥିଲା। ଏହି ଯାତ୍ରା ସହରର ତିନିମୁହାଣୀସ୍ଥିତ ଶ୍ରୀରାମ ମନ୍ଦିରଠାରୁ ଆବାଳ ବୃଦ୍ଧ ବନିତା ଶତାଧିକ ହିନ୍ଦୁ ପାରମ୍ପରିକ ପଟୁଆରରେ ସନାତନ ହିନ୍ଦୁମାନଙ୍କର ପାବନ ଗୌରବ ପ୍ରଭୁ ଶ୍ରୀରାମଚନ୍ଦ୍ର, ହନୁମାନଜୀଉ, ଭାରତମାତା, ଗୌମାତା, ତୁଳସୀମାତା ଓ ସାଧୁସନ୍ଥମାନଙ୍କର ବିଶାଳ ପ୍ରତିମୂର୍ତ୍ତୀ ସମେତ ସାଧୁସନ୍ଥ ସଂକୀର୍ତ୍ତନ ପାରମ୍ପରିକ ବାଦ୍ୟ ତଥା ପାରମ୍ପରିକ ନୃତ୍ୟ ଗୀତ ମାଧ୍ୟମରେ ଅତି ଆକର୍ଷଣୀୟ ଭାବରେ ଦୀର୍ଘ ଛଅ ଘଣ୍ଟା ଧରି କେନ୍ଦ୍ରାପଡ଼ା ନଗରକୁ ପାଣିପଣା ମାଧ୍ୟମରେ ଆଚ୍ଛାଦିତ କରି ମହାପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ଏକ ସଭା ଓ ସମାବେଶ କରାଯାଇଥିଲା।

କାର୍ଯ୍ୟକ୍ରମରେ ଧର୍ମଜାଗରଣର ପ୍ରାନ୍ତ ଅଧିକାରୀ ମହେଶ କୁମାର ତ୍ରିପାଠୀ, ଜିଲ୍ଲା ସଂଯୋଜକ ବିବେକାନନ୍ଦ ମହାରଣା, ପ୍ରାନ୍ତ ପ୍ରଶାସନ ସମ୍ପର୍କ ସହପ୍ରମୁଖ ଉମେଶ ଦାସ, ଜିଲ୍ଲା ଧର୍ମ ଜାଗରଣ ସହ ସଂଯୋଜକ ଶଶାଙ୍କ କୁମାର ଜେନା, ଜିଲ୍ଲା ଧର୍ମରକ୍ଷା ସେନା ପ୍ରମୁଖ ମାଧବ ପ୍ରଧାନ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲ୍ଲା ସହ ସଂଘ ଚାଳକ ସଞ୍ଜୟ କୁମାର ପତ୍ରୀ, ଜିଲ୍ଲା ପ୍ରଚାରକ ପ୍ରସନ୍ନଜିତ ରାଉତଙ୍କ ସମେତ ବିଶ୍ୱ ହିନ୍ଦୁ ପରିଷଦ ଜିଲ୍ଲା ସମ୍ପାଦକ ବିରେନ୍ଦ୍ର ସାମଲ, ବଜରଙ୍ଗ ଦଳ ଜିଲ୍ଲା ସଂଯୋଜକ ନିରଞ୍ଜନ ସୁଆର, ଅଭିଜିତ ଦାସ, ସୁଶିଲ ଦାସ ଆଦି କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା କାର୍ଯ୍ୟକର୍ତ୍ତାମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ସହରର ବିଭିନ୍ନ ସ୍ଥାନରେ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଏହି ଶୋଭାଯାତ୍ରାକାରୀମାନଙ୍କୁ ସର୍ବତ, ଲେମ୍ବୁପାଣି, ଲସି, ଘୋଳଦହି ପ୍ରଭୃତି ପ୍ରଦାନ କରାଯାଇଥିଲା। ମୁସଲିମଭାଇମାନେ ମଧ୍ୟ ଏହି ଶୋଭାଯାତ୍ରାକାରୀମାନଙ୍କୁ ସର୍ବତ ପିଆଇ କେନ୍ଦ୍ରାପଡ଼ାର ଭାଇଚାରାର ପରମ୍ପରାକୁ ଉଦ୍‌ଜୀବିତ କରିଥିଲେ।

## ଜଳିଗଲା ବାଉଁଶବୁଦା; ଅଳ୍ପକେ ବର୍ତ୍ତିଲା ଗାଁ



**ଡେରାବିଶ, ୧୪।୪(ସମିସ):** ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅନ୍ତର୍ଗତ ଡାଲିଜୀ ସ୍ଥିତ ପ୍ରାଥମିକ ବିଦ୍ୟାଳୟ ନିକଟରେ ଥିବା ବାଉଁଶବୁଦାରେ ଆଜି ସକାଳେ ହଠାତ୍ ନିଆଁ ଲାଗିଯାଇଥିଲା। ଏହି ନିଆଁ ବାଉଁଶ ବୁଦା ତଳେ ପଡ଼ିଥିବା ଶୁଖିଲା ପତ୍ରରେ ଲାଗି ବ୍ୟାପକ ଆକାର ଧାରଣ କରିବା ସହିତ ସ୍ଥାନୀୟ ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ନିଆଁର ବ୍ୟାପକତାକୁ ଦେଖି ଗ୍ରାମମଧ୍ୟକୁ ନିଆଁ ବ୍ୟାପିବା ଆଶଙ୍କା କରି ଗ୍ରାମବାସୀମାନେ ସେଠାରେ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହ ସମ୍ଭବ ହୋଇନଥିଲା। ଖବର ପାଇ ଡେରାବିଶରୁ ଦୁଇଟି ଦମକଳ ଆସି ନିଆଁକୁ ଆୟତ କରିଥିଲା।

# ରାମଚଣ୍ଡୀ ପୀଠରେ ଝାମୁଯାତ୍ରା; ନିଆଁରେ ଚାଲିଲେ ମାନସିକଧାରୀ

**ମହାକାଳପଡ଼ା, ୧୪।୪(ସମିସ):** ମହାକାଳପଡ଼ା ବ୍ଲକ ରାମନଗରର ପ୍ରସିଦ୍ଧ ଶକ୍ତିପୀଠ ଦରିଆପାରି ମା' ରାମଚଣ୍ଡୀଙ୍କର ଝାମୁଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ମା'ଙ୍କ ପୀଠରେ ବିଭିନ୍ନ

- ୧୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ
- ଯୋଗଦେଲେ ସାଂସଦ ଓ ବିଧାୟକ ପ୍ରାର୍ଥୀ



ନୀତିକାନ୍ତି ସରିବା ପରେ ପୂଜାର୍ଚ୍ଚନା କରି ମା'ଙ୍କ ବିଜେ ପ୍ରତିମା ସୁସଜ୍ଜିତ ବିମାନରେ ବସାଇ ବେଢ଼ା ପରିକ୍ରମା କରାଯାଇଥିଲା। ଘଣ୍ଟ ଘଣ୍ଟା, ସଂକୀର୍ତ୍ତନ, ତୁରୀ ମହୁରୀ ବାଜା ବଜାଇ ହଜାର



ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ମା'ଙ୍କ ବିମାନ ମନ୍ଦିର ବେଢ଼ା ପରିକ୍ରମା କରିଥିଲା। ମଧ୍ୟାହ୍ନରେ ମାନସିକଧାରୀ ରାଉଳ ଓ ପାଟୁଆମାନେ ରଡ ନିଆଁରେ ଚାଲି ଚାଲି ମା' ରାମଚଣ୍ଡୀଙ୍କ ପ୍ରତି ନିଜର ମାନସିକକୁ ସମର୍ପଣ କରିଥିଲେ। ମା' ରାମଚଣ୍ଡିଙ୍କ ଏହି ଝାମୁଯାତ୍ରାରେ ୧୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀମାନେ ମା' ରାମଚଣ୍ଡିଙ୍କ ପୀଠରେ ଦଳୀୟ କର୍ମୀ ଓ ଶୁଭେଚ୍ଛୁଙ୍କ ଗହଣରେ ମା'ଙ୍କ ଦର୍ଶନ କରି ଆଶିଷ ଭିକ୍ଷା କରଥିଲେ। ବିଜେଡି ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଏବଂ ମହାକାଳପଡ଼ା ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ ଦଳୀୟ କର୍ମୀ ଓ ଶୁଭେସୁଙ୍କ ଗହଣରେ ରାମଚଣ୍ଡିଙ୍କ ବିମାନ ପରିକ୍ରମା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଜମ୍ବୁ ସାମୁଦ୍ରିକ ଥାନା ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ମୁତୟନ କରାଯାଇଥିଲା। ଝାମୁଯାତ୍ରା ସହିତ ମନ୍ଦିର ନିକଟରେ ସାତ ଦିନ ବ୍ୟାପି ମେଳା ଆୟୋଜନ କରାଯାଉଛି।

## ଚାଟରାରେ ମା' ବାସନ୍ତିକ ଦୁର୍ଗାପୂଜା ଆରମ୍ଭ

**ଡେରାବିଶ, ୧୪।୪(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଧର୍ମପୀଠ ଡେରାବିଶ ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତ ଚାଟରା ସ୍ଥିତ ମା' ବାସନ୍ତି ଦୁର୍ଗାଙ୍କ ପୀଠରେ ଶନିବାର ଠାରୁ ଆରମ୍ଭ ହୋଇଛି ମା' ବାସିନ୍ତିକ ଦୁର୍ଗାପୂଜା। ଏହି ଅବସରରେ ରବିବାର ମହାସପ୍ତମୀ ତିଥିରେ ମନ୍ଦିର ବେଢ଼ାରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ ଛତା ସ୍ଥିତ ଏକ ପୋଖରୀ କୂଳରେ ପୂଜାର୍ଚ୍ଚନା ପରେ ମାନସିକ ଧାରୀମାନେ ବାଜା, ଘଣ୍ଟ ସଂକୀର୍ତ୍ତନ ଶୋଭାଯାତ୍ରାରେ ପୂର୍ଣ୍ଣକଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଏଥିପାଇଁ ଚାଟରା ଗ୍ରାମର ପ୍ରତ୍ୟେକ ଘର ସମ୍ମୁଖରେ କଦଳୀ ଗଛ ପୋତାଯିବା ସହ ଚିତା ପକାଇ ମା'ଙ୍କ ନିକଟକୁ ଆସୁଥିବା ପୂର୍ଣ୍ଣ କଳସକୁ ବନ୍ଦାପନା କରାଯାଇଥିଲା। ତେବେ ଆଜି ମହାବିଷୁବ ସଂକ୍ରାନ୍ତି ଥିବାରୁ ମନ୍ଦିର ବେଢ଼ାରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସୋମବାର ମନ୍ଦିରରେ ମା'ଙ୍କ ନିକଟରେ ମହାଷ୍ଟମୀ ପୂଜା ସହ ବଳିଦାନପର୍ବ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ସଭାପତି ରମେଶ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି।

## ଜିଲ୍ଲାପାଳଙ୍କ ବିଭିନ୍ନ ମତଦାନ କେନ୍ଦ୍ର ପରିଦର୍ଶନ




**ଡେରାବିଶ, ୧୪।୪(ସମିସ):** ସାଧାରଣ ନିର୍ବାଚନ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏନେଇ ଡେରାବିଶ ବ୍ଲକ ଅଞ୍ଚଳକୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଶୁକ୍ରବାର ଗସ୍ତ କରିଥିଲେ। ବ୍ଲକ ଅଧୀନସ୍ଥ ଗୁଆଲସିଂ, କୁଶିଆପାଳ, ନହଙ୍ଗ, କୁରୁଜଙ୍ଗା ଓ ଚାଟରାଚକଡ଼ା ପଞ୍ଚାୟତର କେତେକ ବିଦ୍ୟାଳୟକୁ ଯାଇ ବିଦ୍ୟାଳୟ ଗୁଡ଼ିକରେ ହେବାକୁଥିବା ଭୋଟ ଗ୍ରହଣ କେନ୍ଦ୍ର ପରିଦର୍ଶନ କରିଥିଲେ। ଭୋଟ ଗ୍ରହଣ ସମୟରେ ପାନୀୟ ଜଳର ବ୍ୟବସ୍ଥା ଏବଂ ଭୋଟଦାନ କୋଠରୀ ଏବଂ ବିଦ୍ୟାଳୟ ପରିସରରେ ଭୋଟରମାନଙ୍କ ପାଇଁ ଛାମୁଡ଼ିଆ ବ୍ୟବସ୍ଥା ସମ୍ପର୍କରେ ବିଡ଼ିଓ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। କେତେକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସହ ଜିଲ୍ଲାପାଳ ବାର୍ତ୍ତାଳାପ କରିବା ସହ ମଧ୍ୟାହ୍ନ ଭୋଜନ ସମ୍ପର୍କରେ ପିଲାଙ୍କୁ ପଚାରି ବୁଝିଥିଲେ। ଜିଲ୍ଲାପାଳଙ୍କ ଗସ୍ତ ସମୟରେ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ବିଡ଼ିଓ ଦାସରଥି ଜେନା ଉପସ୍ଥିତ ଥିଲେ।

# ଅଗ୍ନିବିପନ୍ନଙ୍କୁ ସହାୟତା



**ତିର୍ତ୍ତୋଲ, ୧୪।୪(ସମିସ) :** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତେନ୍ତୁଲିପଦା ରାଜସ୍ୱ ଗ୍ରାମ କୁଲସାହିର ଦିବାକର ଦାସଙ୍କ ଘରେ ଗତକାଲି ସନ୍ଧ୍ୟାରେ ନିଆଁ ଲାଗି ଦୁଇ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଥିଲା। ଆଜି ଘଟଣାସ୍ଥଳରେ ଜିଲ୍ଲା ଯୁବ ବିଜେଡି ସାଧାରଣ ସମ୍ପାଦକ ସୁବ୍ରତ ଦାଶ, ବ୍ଲକ ଯୁବ ବିଜେଡି ଉପସଭାପତି ଦେବବ୍ରତ ବାରିକ, ସମାଜସେବୀ ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ପହଞ୍ଚି କ୍ଷୟକ୍ଷତି ବୁଲି ଦେଖିବା ସହ ଦିବାକରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

# ମୈନାକ ସାହିତ୍ୟ ସଂସଦ ପକ୍ଷରୁ ବିଷୁବ ମିଳନ




**ପାରାଦୀପ, ୧୪।୪(ସମିସ):** ମୈନାକ ସାହିତ୍ୟ ସଂସଦ ପକ୍ଷରୁ ସାକ୍ଷରତା ସମିତି ସଭାଗୃହରେ ବିଷୁବ ମିଳନ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଡ଼. ସନ୍ତୋଷ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ଆସରରେ କାନମାସର ସମ୍ପାଦକ ଶ୍ରୀମନ ନାରାୟଣ ମିଶ୍ର, ସାକ୍ଷରତା ସମିତିର ସଂଯୋଜକ କବି ଅଶୋକ କୁମାର ମହାପାତ୍ର, ଗୋଲାପରାଣୀ ସାହୁ, ସାମ୍ବାଦିକ ଧ୍ରୁବ ଚରଣ ମହାପାତ୍ର, କମ୍ରେଡ ବାବୁରାମ ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଂସଦର ସହ ସମ୍ପାଦିକା ତୁଳସୀ ବରାଳଙ୍କ ସଂଯୋଜନରେ ଅନୁଷ୍ଠିତ କବିତା ଆସରରେ କବି ପ୍ରକାଶ ଦାସ, ନବୀନ ଚନ୍ଦ୍ର ପ୍ରଧାନ, ସୁରେଶ ପ୍ରଧାନ, ନିତମ୍ବିନୀ ସାମନ୍ତରାୟ, ସଞ୍ଜୀବ କୁମାର ଦାଶ, ନାଟ୍ୟକାର ରମେଶ ତ୍ରିପାଠୀ, ଚିତ୍ରସେନ ମହାନ୍ତି, ମନୋଜ ଦାସ, ବାବାଜୀ ନାୟକ, ପ୍ରଭାତ ବାରିକ, ବିଷ୍ଣୁପ୍ରିୟା ମହାନ୍ତି, ରଘୁନାଥ ଆଚାର୍ଯ୍ୟ ଙ୍କ ସମେତ ବହୁ ସଂଖ୍ୟାରେ କବି ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ସଂସଦର ସମ୍ପାଦକ ନଗେନ୍ଦ୍ର ନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଲଛମନଜୀଉଙ୍କ ମନ୍ଦିର ବେଢ଼ାରେ ନାମଯଜ୍ଞ

**ଡେରାବିଶ, ୧୪।୪(ସମିସ):** ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ଆଜି ଡେରାବିଶ ବ୍ଲକ କୁଶିଆପାଳ ପଞ୍ଚାୟତ ଅନ୍ତର୍ଗତ ବାଲିପାଟଣା ସ୍ଥିତ ପରମ ଆରାଧ୍ୟ ଶ୍ରୀ ଲଛମନଜୀଉଙ୍କ ମନ୍ଦିର ବେଢ଼ାରେ ଅଷ୍ଟମ ପ୍ରହର ବ୍ୟାପୀ ନାମଯଜ୍ଞ ସଂକୀର୍ତ୍ତନ ଅନୁଷ୍ଠିତ ହେଉଛି। ଆଜି ପବିତ୍ର ସଂକ୍ରାନ୍ତି ଓ ମହାବୀର ଶ୍ରୀ ହନୁମାନଙ୍କ ଜୟନ୍ତୀ ଥିବାରୁ ମନ୍ଦିରରେ ଶ୍ରୀ ଜୀଉଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଛି। ବିଭିନ୍ନ ଅଞ୍ଚଳରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳଙ୍କ ଦ୍ୱାରା ନାମସଂକୀର୍ତ୍ତନ ପରିବେଶକୁ ଭକ୍ତିମୟ କରିଛି। ଏ ନେଇ ଗତକାଲି ଶୁଭାଧିବାସ ହୋଇଥିବା ବେଳେ ଆସନ୍ତାକାଲି ପ୍ରାତଃରୁ ନାମଯଜ୍ଞ ଉଦ୍‌ଯାପିତ ହେବ। କାର୍ଯ୍ୟକ୍ରମକୁ କୁଶିଆପଳ ସରପଞ୍ଚ ଦୟାନିଧି ଦାସ ଓ ବାଲିପାଟଣା ଗ୍ରାମବାସୀ ପରିଚାଳନା କରୁଛନ୍ତି।

## ସମାଜସେବୀଙ୍କ ହୃଦ୍‌ଘାତରେ ପରଲୋକ

ମାର୍ଶାଘାଇ, ୧୪।୪(ସମିସ): ମାର୍ଶାଘାଇ ବ୍ଲକ ପେଣ୍ଠ ଅଞ୍ଚଳର ବ୍ୟବସାୟୀ ତଥା ସମାଜସେବୀ ସୁଶୀଳ କୁମାର ସ୍ୱାଇଁ(୬୪)ଙ୍କ ଶନିବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ପରଲୋକ ଘଟିଛି। ସେ କିଛିଦିନ ହେବ ମଧୁମେହ ଓ ଯକୃତ ରୋଗରେ ପୀଡିତ ଥାଇ ଚିକିତ୍ସିତ ହେଉଥିଲେ। ସ୍ୱର୍ଗତ ସୁଶୀଳ କୁମାର ସ୍ଥାନୀୟ ଅଞ୍ଚଳରେ ପ୍ରତିଷ୍ଠିତ ସିମେଣ୍ଟ ବିତରକ ଓ ସମାଜସେବୀ ଭାବେ ପରିଚିତ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବାପରେ ବ୍ୟବସାୟୀ ମହଲ ଓ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଥିଲା। ତାଙ୍କ ବାସଭବନରେ ବିଜେପି ବିଧାୟକ ପ୍ରାର୍ଥୀ ତେଜେଶ୍ୱର ପରିଡ଼ା, ବିଜେଡି ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ର, ବ୍ଲକ ବିଜେଡି ସଭାପତି ସଞ୍ଜୟ କୁମାର ଲେଙ୍କା, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରଥ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁଧାଂଶୁ ଶେଖର ରାୟ, ଜନଶକ୍ତି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାରଣା, ବିମଳେନ୍ଦୁ ପ୍ରକାଶ ସ୍ୱାଇଁ, ସୁଖଦା ତ୍ରାପାଠୀ, ପୂର୍ବତନ ସରପଞ୍ଚ ପ୍ରଦୀପ୍ତ ପ୍ରଧାନଙ୍କ ସମେତ ବହୁମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି। ମଧ୍ୟାହ୍ନରେ ଗାଁ ଶ୍ମଶାନରେ ଶେଷକୃତ୍ୟ ହୋଇଥିବାବେଳେ ବଡପୁଅ ତନ୍ମୟ ମୁଖାଗ୍ନି ଦେଇଥିଲେ।

ଆଜିଠୁ ସମୁଦ୍ରରେ ମାଛଧରା ନିଷିଦ୍ଧ

# ମାଛ ବଂଶ ବୃଦ୍ଧି ଲାଗି ଦୁଇମାସ କଟକଣା

ପାରାଦୀପ, ୧୪।୪(ସମିସ)



ଆସନ୍ତାକାଲିଠୁ ସମୁଦ୍ରରୁ ମାଛ ମାରିବା ବନ୍ଦ। ବିଶେଷକରି ମାଛଧରା ଟ୍ରଲର ଗୁଡିକ ଆଉ ସମୁଦ୍ରକୁ ଯାଇପାରିବେ ନାହିଁ। ଯେଉଁମାନେ ମାଛଧରିବାକୁ ପୂର୍ବରୁ ସମୁଦ୍ରକୁ ଯାଇଥିଲେ ଆଜି ସୁଦ୍ଧା ସମସ୍ତେ ଫେରିଆସିବେ। ଯଦିବା କେହି କାଁ ଭାଁ ରହିଥିବେ ତେବେ ଆଜି ରାତି କିମ୍ବା ଆସନ୍ତା କାଲି ସୁଦ୍ଧା ଫେରିବେ। ସାମୁଦ୍ରିକ ମତ୍ସ୍ୟ ପରିମାଣ ବୃଦ୍ଧି ପାଇଁ ସମୁଦ୍ରରେ ମାଛଧରା ଉପରେ କଟକଣା ଜାରି କରାଯାଇଛି। ଏନେଇ ପୂର୍ବରୁ ମତ୍ସ୍ୟ ବିଭାଗ ବିଜ୍ଞପ୍ତି ଜାରି କରିସାରିଛି।କୁଜଙ୍ଗ ଅତିରିକ୍ତ ମସ୍ତ ଅଧିକାରୀ (ସାମୁଦ୍ରିକ) ଙ୍କ କାର୍ଯ୍ୟାଳୟ ରୁ ଜାରି ହୋଇଥିବା ଏହି ବିଜ୍ଞପ୍ତି ରେ ଏପ୍ରିଲ ୧୫ ରୁ ଜୁନ ୧୪ ପର୍ଯ୍ୟନ୍ତ ଲଗାତର ଦୁଇ ମାସ ସମୁଦ୍ରରେ ମାଛ ଧରିବାକୁବାରଣ କରାଯାଇଛି।ସମସ୍ତ ଟ୍ରଲର ଓ ଡଙ୍ଗା ମାଲିକଙ୍କୁ ଏନେଇ ଅବଗତ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

ମାଛବଂଶ ବୃଦ୍ଧି ଲାଗି ଏପ୍ରିଲ ୧୫ରୁ ଜୁନ୍ ୧୪ ପର୍ଯ୍ୟନ୍ତ ଓଡ଼ିଶା ସମୁଦ୍ର ଉପକୂଳରେ ସମସ୍ତ ପ୍ରକାର ଟ୍ରଲର ଓ ଡଙ୍ଗା ( ୮.୫ ମିଟର ଦୀର୍ଘ ପର୍ଯ୍ୟନ୍ତ ଦେଶୀ ଓ ଯନ୍ତ୍ର ଚାଳିତ ଡଙ୍ଗା ) ଦ୍ୱାରା ମାଛ ଧରାକୁ ନିଷିଦ୍ଧ ଘୋଷଣା କରାଯାଇଛି। ଏହି ଦୁଇ ମାସ ସମୁଦ୍ରରେ ମାଛବଂଶ ବୃଦ୍ଧିର ପ୍ରକୋଷ୍ଠ ସମୟ ହୋଇଥିବାରୁ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ଉପରେ ଏହି କଟକଣା କରାଯାଇଛି। ମାଛଙ୍କ ପ୍ରଜନନ ଋତୁରେ ସମୁଦ୍ରରେ ମାଛ ଅଣ୍ଡା ଓ ମାଛ ଯାଆଁଳ ନଷ୍ଟ ହେବା ଆଶଙ୍କାରେ ମାଛ ଧରାକୁ ୬୦ ଦିନ ବା ଦୁଇମାସ ବନ୍ଦ ରଖିବାକୁ ମତ୍ସ୍ୟଜୀବୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଏହାର କେହି ଖିଲାପ କରନ୍ତି ତେବେ ଓଡ଼ିଶା ସାମୁଦ୍ରିକ ମାଛଧରା ନିୟନ୍ତ୍ରଣ ଆଇନ ବଳରେ ଦଣ୍ଡିତ ହେବେ ବୋଲି ଘୋଷଣା କରାଯାଇଛି।

ତେବେ ଉଭୟ ଯନ୍ତ୍ରଚାଳିତ ଡଙ୍ଗା ଓ ଟ୍ରଲର ଚଳାଚଳ ନେଇ ବାରଣ କରାଯାଇ ସମୁଦ୍ରରେ ମାଛ ଓ ଯାଆଁଳ ସଂରକ୍ଷଣ ନିମନ୍ତେ ଓଡ଼ିଶା ଉପକୂଳଠାରୁ ସମୁଦ୍ର ମଧ୍ୟକୁ ୧୨ ନଟିକାଲ ମାଇଲ ପର୍ଯ୍ୟନ୍ତ ମାଛ ଧରିବା ଉପରେ ଏହି କଟକଣା ଜାରି କରାଯାଇଛି। ପ୍ରାୟ ୩ ଶହ ପ୍ରଜାତିର ସାମୁଦ୍ରିକ ମାଛଙ୍କ ଅଣ୍ଡା ଦାନକୁ ସୁରକ୍ଷିତ କରିବା ସହ ହ୍ରାସ ପାଉଥିବା ମାଛ ବଂଶରୁ ସଂରକ୍ଷଣ ଏହି କଟକଣାର ଉଦ୍ଦେଶ୍ୟ। ଏହି ସମୟ ମଧ୍ୟରେ କୌଣସି ଟ୍ରଲର ଓ ଡଙ୍ଗା ପାରାଦୀପ ସମୁଦ୍ରରୁ ମାଛ ନ ଧରିବାକୁ ବିଭାଗୀୟ ଅଧିକାରୀ ତଦାରଖ କରିବା ଉପରେ ଧ୍ୟାନ ଦେବା ଆବଶ୍ୟକ। ଏହି କଟକଣାକୁ ଠିକ ଢଙ୍ଗରେ ପାଳନ କରିବାକୁ ପାରାଦୀପ ମତ୍ସ୍ୟ ବ୍ୟବସାୟୀ ସଂଘର ସଭାପତି ଶ୍ରୀକାନ୍ତ ପରିଡ଼ା ଓ ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ ମସ୍ୟଜୀବୀ ଓ ଟ୍ରଲର ମାଲିକଙ୍କୁ ନିବେଦନ କରିଛନ୍ତି।

ଅନ୍ୟପକ୍ଷରେ ମାଛଧରା କଟକଣାର ଉଦ୍ଦେଶ୍ୟ ସମ୍ପର୍କରେ ମତ୍ସ୍ୟ ବିଭାଗ ଅଧିକାରୀମାନେ ମସ୍ୟଜୀବୀଙ୍କୁ ସଂଗଠିତ କରି ବୁଝାଉଥିବାବେଳେ ଏଭଳି ପଦକ୍ଷେପକୁ ସେମାନେ ସ୍ୱାଗତ କରୁଛନ୍ତି। ଏହି ଦୁଇମାସ ସମୟ ଜୀବିକା ହରାଇ ପ୍ରଭାବିତ ମତ୍ସ୍ୟଜୀବୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ସରକାରଙ୍କ ନିକଟରେ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ପାରୁନାହିଁ ବୋଲି ମସ୍ୟଜୀବୀମାନେ ଅଭିଯୋଗ କରିଛନ୍ତି।

